## ସଂକ୍ଷେପରେ

କୋର୍ଟ ଆଦେଶକୁ ଅବମାନନା

### ଫେରାର ଅଭିଯୁକ୍ତ ଚେନ୍ନାଇରୁ ଗିରଫ

ଧାମନଗର, ୧୮।୧୨(ଡି.ଏନ.ଏ.)- କୋର୍ଟଙ୍କ ଆଦେଶକୁ ଅବମାନନା କରି ଫେରାର ଥିବା ଅଭିଯୁକ୍ତ ଧାମନଗର ବ୍ଲକ ବୈୟାଙ୍ଗଡିହି ଗ୍ରାମର ରାଜେଶ ମହାପାତ୍ରଙ୍କୁ ଧୁଷୁରୀ ଥାନା ପୋଲିସ ଚେନ୍ନାଇରୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ରାଜେଶ ବିବାହ କରିବାର କିଛିଦିନ ପରେ ସ୍ତ୍ରୀଙ୍କ ସହିତ ମନୋମାଳିନ୍ୟ ହୋଇଥିଲା। ସ୍ତ୍ରୀ ତାଙ୍କୁ ଛାଡ଼ି ବାପଘରକୁ ପଳାଇ ଭରଣପୋଷଣ ପାଇଁ କୋର୍ଟ ଆଶ୍ରୟ ନେଇଥିଲେ। କୋର୍ଟ ଭରଣ ପୋଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜେଶ ଏହାକୁ ନ ମାନି ବାହାରେ ଲୁଚି ବୁଲୁଥିଲେ। ତାଙ୍କ ସ୍ତ୍ରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଧୁଷୁରୀ ଥାନା ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚେନ୍ନାଇ ଯାଇ ରାଜେଶଙ୍କୁ ଧରିବାରେ ସକ୍ଷମ ହୋଇଛି। ତାଙ୍କୁ ଧୁଷୁରୀ ଥାନାରେ ହାଜର କରାଯାଇ ବୁଧବାର କୋର୍ଟକୁ ପଠାଇ ଦିଆଯାଇଛି।

### ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ସୁନୀତା ପ୍ରଥମ



ଚାନ୍ଦବାଲି,୧୮।୧୨(ଡି.ଏନ.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଦାଖା ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ସୁନୀତା ଦାଶ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟର ୩୦ଟି ଜିଲାର ବହୁ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଜ୍ୟ ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ପରିସରରେ ଅନୁଷ୍ଠିତ ଏକ ଉତ୍ସବରେ ସୁନୀତାଙ୍କୁ ସାର୍ଟିଫିକେଟ ଓ ସିଲ୍ଡ ପ୍ରଦାନ କରାଯାଇଛି। ଏହି ଅବସରରେ ବିଜ୍ଞାନକେନ୍ଦ୍ରର ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି । ସୁନୀତାଙ୍କ ଘର ନରସିଂହପୁର(ବାଲିଗାଁ) ଗ୍ରାମରେ। ସେ କ୍ଷୀରୋଦ ଦାଶଙ୍କ ଝିଅ।

### ଭାଇବୋହୂଙ୍କୁ ମାଡ଼ ମାରି ଦେଢ଼ଶୁର ଗିରଫ

ପଦ୍ମପୁର, ୧୮।୧୨(ଡି.ଏନ.ଏ.)- ଭାଇବୋହୂଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଅଞ୍ଚଳର ପୁରୁଷୋତ୍ତମ ବେହେରାଙ୍କୁ ଗିରଫ କରିଛି। ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଦେଢ଼ଶୁର ବାରମ୍ବାର ଗାଳି ଦେବା ସହ ମାଡ଼ ମାରୁଥିବା ନେଇ ସେ ମଙ୍ଗଳବାର ନାୟକାଣିଡିହୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୮୫/୧୯) ରୁଜୁ କରି ଅଭିଯୁକ୍ତ ପୁରୁଷୋତ୍ତମଙ୍କୁ ଗିରଫ ପୂର୍ବକ ବୁଧବାର କୋର୍ଟ ଚାଲାଣ କରିଛି।

ନକଲି ପ୍ରମାଣପତ୍ରରେ ଚାକିରି ଘଟଣା

### ଛଟେଇ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ

ବନ୍ତ,୧୮।୧୨(ଡି.ଏନ.ଏ.)- ନକଲି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଭିଯୋଗରେ ବନ୍ତ ବ୍ଲକ ଆପ୍ରିରା ୟୁଜିଏମ୍ଇ ସ୍କୁଲର ଶିକ୍ଷକ ବିଶ୍ୱନାଥ ସେଠୀଙ୍କୁ ଛଟେଇ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ବୁଧବାର ବନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ବିରୋଧରେ ଏକ ମାମଲା( ନଂ.୧୭୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଉଲ୍ଲେଖନୀୟ ଯେ, ବିଶ୍ୱନାଥ ନକଲି ପ୍ରମାଣପତ୍ର ଦେଇ ଦୀର୍ଘ ୧୪ ବର୍ଷ ଧରି ଚାକିରି କରିଆସୁଥିବା ସମ୍ପର୍କରେ ସୂଚନା ଅଧିକାର ଆଇନରେ ଜଣାପଡ଼ିବା ପରେ ବ୍ଲକ ଶିକ୍ଷାଧିକାରୀ ତାଙ୍କୁ ଛଟେଇ କରିବା ସହିତ ପ୍ରଥମେ ବନ୍ତ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ସ୍କୁଲ ଆଗରପଡ଼ା ଥାନା ଅଧୀନରେ ଥିବାରୁ ସେଠାରେ ଅଭିଯୋଗ କରିବାକୁ ବନ୍ତ ଥାନା ପକ୍ଷରୁ କୁହାଯାଇଥିଲା। ବିଇଓ ଆଗରପଡ଼ା ଥାନାରେ ଅଭିଯୋଗ କରିବାରୁ ଥାନାଧିକାରୀ ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ। ବନ୍ତ ଥାନା ଅଧୀନରେ ବିଇଓଙ୍କ କାର୍ଯ୍ୟାଳୟ ଥିବାରୁ ବନ୍ତ ଥାନାରେ ଅଭିଯୋଗ କରାଯିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଥିଲେ। ଫଳରେ ବୁଧବାର ବ୍ଲକ ଶିକ୍ଷାଧିକାରୀ ବନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ କରିଛି।

# ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ ଅଫିସ, ୧୮।୧୨

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଭଦ୍ରକ ନେହେରୁ ଷ୍ଟାଡିୟମରେ ବୁଧବାର ସନ୍ଧ୍ୟାରେ ୨୫ତମ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଡ. ଅରୁଣ ସାହୁ ଯୋଗଦେଇ ମଶାଲ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଯୁବବର୍ଗ ସମୟର ସ୍ୱର। ଯୁବ ପ୍ରତିଭା ବିକଶିତ କରାଇବା ଏହି ଉତ୍ସବର ମୂଳଲକ୍ଷ୍ୟ ବୋଲି ମନ୍ତ୍ରୀ ସାହୁ କହିଥିଲେ। ଏହାସହ ରାଜ୍ୟ ସରକାର ପ୍ରତିଭା ବିକଶିତ କରାଇବା ଲାଗି ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବଣମଲ୍ଲୀ ବଣରେ ଫୁଟି ଯେଭଳି ମଉଳି ନ ଯିବ ସେଥିପ୍ରତି ସରକାର ଅଧିକ ଯତ୍ନବାନ ଥିବା ସେ ବକ୍ତବ୍ୟ ରଖିଥିଲେ।

ଜିଲାପାଳ ଜ୍ଞାନରଞ୍ଜନ ଦାସ ଉତ୍ସବରେ ସଭାପତିତ୍ୱ କରିଥିଲେ। ବରେଣ୍ୟ ଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଳତା ମଣ୍ଡଳ,



ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ଅରୁଣ ସାହୁ(ବାମରୁ ୫ମ), ଏମ୍‌ପି ମଞ୍ଜୁଳତା ମଣ୍ଡଳ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

## ୩୦ ଜିଲାରୁ ୧୪୭୧ ପ୍ରତିଯୋଗୀ ସାମିଲ

ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଭଦ୍ରକରେ ଆୟୋଜିତ ହେଉଥିବାରୁ ବିଧାୟକ ମଲ୍ଲିକ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ଗୁରୁବାରଠାରୁ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା କରାଯାଇ ଶନିବାର ସନ୍ଧ୍ୟାରେ ମହୋତ୍ସବ ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ଦିବସରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଛି। ୩୦ଟି ଜିଲାରୁ ପ୍ରାୟ ୧୪୭୧ ଜଣ ପ୍ରତିଯୋଗୀ, ୫୭ ଗାଇଡ୍ ଟିଚର ଓ ୧୫୯ ଜଣ ସହଯୋଗୀ କଳାକାର ଅଂଶଗ୍ରହଣ କରିଛନ୍ତି। ମହୋତ୍ସବରେ ୧୮ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ୨୭ ଜଣ ରାଜ୍ୟସ୍ତରୀୟ ବିଚାରକଙ୍କୁ ମନୋନୀତ କରଯାଇଛି। ନୋଡାଲ ଅଫିସର ଭାବେ ଏପିଡି ରାଜେନ୍ଦ୍ର ପଣ୍ଡା ଓ ଆସିଷ୍ଟାଣ୍ଟ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଦାୟିତ୍ୱ ତୁଲାଉଛନ୍ତି। ଭାଗ ନେଇଥିବା ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କ ଲାଗି ସ୍ୱତନ୍ତ୍ର ଭାବେ ଗ୍ରୀନରୁମ୍ ବ୍ୟବସ୍ଥା ହୋଇଛି। ପୋଲିସ ପ୍ରଶାସନ ପକ୍ଷରୁ ଷ୍ଟାଡିୟମ ପରିସରରେ ଏକ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା କରାଯିବା ସହ ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

## ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ସହର

ଭଦ୍ରକ ଅଫିସ, ୧୮।୧୨

ଭଦ୍ରକ ନେହେରୁ ଷ୍ଟାଡିୟମରେ ବୁଧବାର ୨୫ତମ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଭଦ୍ରକ କଲେଜ ପଡ଼ିଆରୁ ୩୦ଟି ଜିଲାରୁ ଆସିଥିବା ପ୍ରତିଯୋଗୀମାନଙ୍କୁ ନେଇ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ପ୍ରତିଯୋଗୀମାନେ ବିଭିନ୍ନ ପାରମ୍ପରିକ ଓ ଆଧୁନିକ ବେଶରେ ସଜ୍ଜିତ ହୋଇ ଏଥିରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ନେହେରୁ ଷ୍ଟାଡିୟମଠାରେ ପହଞ୍ଚିଥିଲା। ଭଦ୍ରକ ଏମ୍‌ପି ମଞ୍ଜୁଳତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲିର ବ୍ୟୋମକେଶ ରାୟ, ବାସୁଦେବପୁରର ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସାଂସ୍କୃତିକ ଶୋଭାଯାତ୍ରାରେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ଶୋଭାଯାତ୍ରା ଓ ପାରମ୍ପରିକ ବାଦ୍ୟରେ ସହର ପ୍ରକମ୍ପିତ ହୋଇଉଠିଥିଲା। ମା' ଦକ୍ଷିଣେଶ୍ୱରକାଳୀ ପୀଠରୁ ଏକ ମଶାଲ ଶୋଭାଯାତ୍ରା ନେହେରୁ ଷ୍ଟାଡିୟମଠାରେ ପହଞ୍ଚିବା ପରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିବା ପ୍ରତିଯୋଗୀମାନେ।

# ଗେଣ୍ଡୁଚାଷ ଦେଖିଲେ ଜିଲାପାଳ



ସେଉଳଗଡିଆଠାରେ ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ହୋଇଥିବା ଗେଣ୍ଡୁଚାଷକୁ ଜିଲାପାଳ ଦେଖୁଛନ୍ତି।

ବନ୍ତ,୧୮।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ପ୍ରଶାସନ ଓ ଉଦ୍ୟାନ କୃଷି ବିଭାଗର ମିଳିତ ସହଯୋଗରେ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ବନ୍ତ ବ୍ଲକ ଆଗରପଡ଼ା ସିଡ୍ ଫାର୍ମ ସେଉଳଗଡିଆଠାରେ ହୋଇଥିବା ଗେଣ୍ଡୁଫୁଲ ଚାଷକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ପରିଦର୍ଶନ କରିଛନ୍ତି। ସେ ଉତ୍ପାଦିକା ଗୋଷ୍ଠୀର ମହିଳାମାନଙ୍କୁ ପ୍ରକଳ୍ପ ସମ୍ବନ୍ଧରେ ପଚାରି ବୁଝିଥିଲେ। ତାଙ୍କ ସହିତ ଜିଲା ପ୍ରକଳ୍ପ ଅଧିକାରୀ ମଧୁସୂଦନ ଦାଶ, ଡିପିଏମ୍ ୱେଲଏମ୍ ସଞ୍ଜୟ ବାରିକ ଓ ବିଡିଓ ରେବେକା ବିଲୁଙ୍ଗ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଫାର୍ମର ପୋଖରୀ ଓ ହୁଡ଼ାକୁ ଲିଜ୍ ସୂତ୍ରରେ ନେଇ ଗତ ସେପ୍ଟେମ୍ବରରେ ଆଦିବାସୀ ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ୪୦ ହଜାର ଗେଣ୍ଡୁ ଚାରା ରୋପଣ କରାଯାଇଥିଲା। ଜୀବିକା ମିଶନର ବିପିଏମ୍ ସସ୍ମିତା ଦାଶଙ୍କ ପରିଚାଳନା ଓ ବଡବର୍ଚ୍ଛିକୟାଁ ପଞ୍ଚାୟତର ମାତୃଶକ୍ତି ମହାସଂଘ ତତ୍ତ୍ୱାବଧାନରେ ଗେଣ୍ଡୁ ଚାଷ ଆରମ୍ଭ ହୋଇଥିଲା। ଜୀବିକା ମିଶନ ଓ ବ୍ୟାଙ୍କ ଋଣ ଆଣିବା ସହିତ ଏହି ପ୍ରକଳ୍ପରେ ୪ ଲକ୍ଷ ୧୬ ହଜାର ଟଙ୍କା ବିନିଯୋଗ ହୋଇଥିବାବେଳେ ଉତ୍ପାଦିତ ଫୁଲ ବିକ୍ରି କରି ୯ ଲକ୍ଷ ଟଙ୍କା ମିଳିବ ବୋଲି ଉତ୍ପାଦିକା ଗୋଷ୍ଠୀ ଆଶା ପୋଷଣ କରିଥିବା କହିଛନ୍ତି। ପରେ ଜିଲାପାଳ ଏହି ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନଙ୍କୁ ଭେଟି କାର୍ଯ୍ୟର ସମୀକ୍ଷା କରିଥିଲେ।

# ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

ଧାମନଗର, ୧୮।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବ୍ଲକ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ହିତାଧିକାରୀ ଚୟନରେ ରେଜିଷ୍ଟ୍ରେସନ ତାଲିକାରେ କୋଠାଘର ଥିବା ଓ ସରକାରୀ ଚାକିରି କରିଥିବା ଲୋକ, ଗୋଟିଏ ଯୌଥ ପରିବାର ଥାଇ ବାପା ଓ ପୁଅମାନଙ୍କ ପରିବାରକୁ ଅଲଗା ଦେଖାଇ ଆବାସ ହାତେଇବା, ନକଲି ଘରଡିହ ପଟ୍ଟା ଦେଖାଇ ଘର ହାତେଇବା, ଅନ୍ୟର ଚାଳଘରେ ଠିଆ କରାଇ ହିତାଧିକାରୀଙ୍କ ଫଟୋ ଉତ୍ତୋଳନ କରି ଆବେଦନ କରିବା, କିଛିବର୍ଷ ବ୍ୟବଧାନରେ ଏକାଧିକ ଘର ହାତେଇ ନିଆଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା

## ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

ଦର୍ଶାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ବେଳେ ବୈୟାଙ୍ଗଡିହିରେ ସବୁ ନିୟମକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ବୈୟାଙ୍ଗଡିହି ପଞ୍ଚାୟତରେ ୧୭୨ଜଣିଆ ଯୋଗ୍ୟ ହିତାଧିକାରୀ ଚୟନ ପରେ ବିଡିଓଙ୍କ ଦ୍ୱାରା ପେନାଲ ଲିଷ୍ଟ ଅନୁମୋଦନ ହୋଇ ଘୋଷଣା କରାଯାଇଥିଲା। କ୍ରମାନ୍ୱୟରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ନିୟମ ଥିବାବେଳେ ଏହାକୁ ଉପର ତଳ କରାଯାଇ ମନମାନୀ କରାଯାଇଥିବା ଗତ ୯ ତାରିଖରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ଉପଜିଲାପାଳ, ବିଡିଓ ଏବଂ ପିଡିଙ୍କ ଦୃଷ୍ଟି ଆକର୍ଷଣ ପରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ବିଡିଓଙ୍କ ଦ୍ୱାରା ଅନୁମୋଦିତ ତାଲିକାକୁ ପଞ୍ଚାୟତ ସ୍ତରରେ ହେରଫେର୍ କରାଯିବା ଏବଂ ଅନିୟମିତତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ କରାଯାଇ ଦୁର୍ନୀତିଖୋର ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ନେଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ପୂର୍ବତନ ଜିଲା ସଭାପତି ନାରାୟଣ ଚନ୍ଦ୍ର ପାଢୀ, ବରିଷ୍ଠ ନେତା ବିଦ୍ୟାଧର ଜେନା, ନରେନ୍ଦ୍ର କୁମାର ମଲ୍ଲିକ, ରମଣୀ ରଞ୍ଜନ ଦାସ, ପ୍ରସନ୍ନ ଧଳ, ପ୍ରଭାତ ପଣ୍ଡା, ରମେଶ ବେହେରା, ଅରବିନ୍ଦ ନାୟକ, ରଞ୍ଜନ ଭୁୟାଁ ଓ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜାନୁୟାରୀ ୨୬ରୁ ରତ୍ନେଶ୍ୱର ମହାଦେବଙ୍କ ଜନ୍ମ ମହୋତ୍ସବ

ସ୍ୱଧର୍ମ ମହାସଭା ପାଇଁ ହେଲା ଭୂମି ପୂଜା

ତିହିଡ଼ି, ୧୮।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଗ୍ରାମର ଆନନ୍ଦବଜାରସ୍ଥିତ ରତ୍ନେଶ୍ୱର ମହାଦେବଙ୍କ ୧ମ ଜନ୍ମ ମହୋତ୍ସବ ପାଇଁ ବୁଧବାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିସହ ଜନ୍ମ ମହୋତ୍ସବରେ ହେବାକୁ ଥିବା ସ୍ୱଧର୍ମ ମହାସଭା ପାଇଁ ଭୂମି ପୂଜନ କରାଯାଇଛି। ରତ୍ନେଶ୍ୱର ମହାଦେବ ମନ୍ଦିର ନିର୍ମାଣ କମିଟି ବିଭିନ୍ନ ସମୟରେ ଆଧ୍ୟାତ୍ମିକତାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଆସନ୍ତା ଜାନୁୟାରୀ ୨୬ରୁ ଏହି ମହୋତ୍ସବ ଆରମ୍ଭ ହୋଇ ୫ ଦିନ ବ୍ୟାପୀ ଚାଲିବ। ଏଥିରେ ହେବାକୁ ଥିବା ସ୍ୱଧର୍ମ ମହାସଭାରେ ବିଭିନ୍ନ ସମ୍ପ୍ରଦାୟର ଧର୍ମଗୁରୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେମାନେ ନିଜ ନିଜ ଧର୍ମ ସମ୍ପର୍କରେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ଥିବାରୁ ମନ୍ଦିର କମିଟି ପକ୍ଷରୁ ଏଥିପାଇଁ ବ୍ୟାପକ ଆୟୋଜନ କରାଯାଉଛି। ନେମାଳ ଅଚ୍ୟୁତ ଆଶ୍ରମର ବାବା ସ୍ୱାମୀ ଗୁରୁପାଦ ବ୍ରହ୍ମ ଅବଧୂତ ସୁକାନ୍ତ ଦାସଜୀ ମହାରାଜ ଭୂମି ପୂଜନ କରିଥିଲେ। ସର୍ବଭାରତୀୟ ସ୍ତରରେ ସର୍ବଧର୍ମ ସମନ୍ୱୟର ଧର୍ମଯାଜକ ସମ୍ମିଳନୀ ସ୍ୱଧର୍ମ ମହାସଭା ପଣ୍ଡିତ ତଥା ବୈଦିକ କର୍ମକାଣ୍ଡବିତ୍ ନରୋତ୍ତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ରବିନାରାୟଣ ମଲ୍ଲିକ, ପ୍ରଦୀପ ନାୟକ, ଉଗ୍ରସେନ ପାତ୍ର, ତପନ ମଲ୍ଲିକ, ନାରାୟଣ କବି, ବିଦ୍ୟାଧର ମହାନ୍ତି ପ୍ରମୁଖଙ୍କ ସହ କମିଟିର କର୍ମକର୍ତ୍ତା ଯୋଗଦେଇ ସ୍ୱଧର୍ମ ମହାସଭା ଲୋକଙ୍କ ଭିତରେ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଦୂର କରିବାରେ ସହାୟକ ହେବ ବୋଲି କହିଥିଲେ।

# କଥା ରଖିଲେ ନବୀନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ପାର୍ଲାମେଣ୍ଟରେ ନିକଟରେ ନାଗରିକତ୍ୱ ସଂଶୋଧନ ବିଧେୟକ (ସିଏବି)-୨୦୧୯ ଗୃହୀତ ହୋଇଯାଇଛି। ଏହି ବିଧେୟକକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ୍ୟ ମିଳିସାରିଛି। ସେହିପରି ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି) ସାରା ଦେଶରେ ଲାଗୁ ହେବା ନେଇ ମଧ୍ୟ କେତେଜଣ କେନ୍ଦ୍ରୀୟ ନେତା ବକ୍ତବ୍ୟ ଦେଇଛନ୍ତି। ଏହା ଦ୍ୱାରା ଦେଶରେ ବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ(ବିଶେଷ ଭାବେ ମୁସ୍‌ଲିମ୍) ପ୍ରଭାବିତ ହେବେ ବୋଲି ଆଶଙ୍କା କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର କେତେ ଜଣ ସଂଖ୍ୟାଲଘୁ ପ୍ରତିନିଧି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତ ଶୁକ୍ରବାର ଭେଟି ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇଥିଲେ। ସେହି ଦିନ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଚଉଦ ମହଲା ମୁସଲିମ୍ ଜମାତ ମୁଖ୍ୟ ମହମ୍ମଦ ଅବଦୁଲ ବରୀ ଏବଂ ସଦସ୍ୟ ଜାମିଲ୍ ଅହମ୍ମଦ ଖାନ୍ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ସହ ସିଏବି ଏବଂ ଏନ୍‌ଆରସି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହା ପରେ ରାଜ୍ୟରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର କୌଣସି ଅସୁବିଧା ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶ୍ୱାସନା ଦେଇଥିଲେ। ସେହିପରି ରାଜ୍ୟରେ ହିନ୍ଦୁ-ମୁସଲିମ୍ ସୌହାର୍ଦ୍ଦ୍ୟ ଯେପରି ପୂର୍ବପରି ଅକ୍ଷୁଣ୍ଣ ରହିବ, ସେ ନେଇ ସରକାର ସବୁ ସମୟରେ ଯତ୍ନଶୀଳ ବୋଲି ମତ ରଖିଥିଲେ।

# ବିଜ୍ଞାନ ମେଳାରେ ୬୧ ପ୍ରକଳ୍ପ ପ୍ରଦର୍ଶିତ

ବନ୍ତ,୧୮।୧୨(ଡି.ଏନ.ଏ.)

ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ଏକାଡେମିକ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ କନିଷ୍ଠ ବର୍ଗରେ ୯୮ ଓ ବରିଷ୍ଠ ବର୍ଗରେ ୪୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଭାବେ ବରିଷ୍ଠ ବର୍ଗରେ ବରପଦା ଇଞ୍ଜିନିୟରିଂ କଲେଜର ପ୍ରାଧ୍ୟାପକ ପ୍ରସନ୍ନାନନ୍ଦ ମିଶ୍ର ଓ କନିଷ୍ଠ ବର୍ଗରେ ସଞ୍ଜୟକୃଷ୍ଣ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଯୋଗ୍ୟ ବିବେଚିତ ପ୍ରକଳ୍ପଗୁଡ଼ିକ ଜିଲା ସ୍ତରକୁ ମନୋନୀତ ହେବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଅଧ୍ୟକ୍ଷ ବସନ୍ତ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ବିଜ୍ଞାନ ଶିକ୍ଷକ ଶଶିଶେଖର କରଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସିଆର୍‌ସିସି ତଥା ଶିକ୍ଷକ ଅଭୟ କୁମାର ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା: ୪୮ ଛାତ୍ରୀଛାତ୍ର ପୁରସ୍କୃତ



ସଭାରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଭଣ୍ଡାରିପୋଖରୀ, ୧୮।୧୨ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୬ଷ୍ଠ ବାର୍ଷିକ କ୍ରୀଡ଼ା ଉତ୍ସବ ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଉତ୍ସବକୁ ସାମାଜିକ କର୍ମୀ ବସନ୍ତ ବେହୁରିଆ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମାଳଦା ସେବା ସମବାୟ ସମିତି ସଭାପତି ଅରବିନ୍ଦ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନବକିଶୋର ପରିଡ଼ା, ବିଦ୍ୟାଧର ଜେନା, ପ୍ରଫୁଲ୍ଲ ନାୟକ, ଦାମୋଦର ନାୟକ ଯୋଗ ଦେଇଥିଲେ। କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ ବିକାଶ ଘଟିଥାଏ। ପିଲାମାନେ ଭଲ ପାଠ ପଢ଼ି ଭଲମଣିଷ ହୋଇପାରିଲେ ଅନୁଷ୍ଠାନ ଓ ଗାଁର ଟେକ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୋଟ ୧୬୮ ପ୍ରତିଯୋଗୀ ଭାଗ ନେଇଥିବାବେଳେ କୃତିତ୍ୱ ହାସଲ କରିଥିବା ୪୮ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଶରତ ବେଉରିଆ ଅତିଥି ପରିଚୟ ଓ ପ୍ରତିଭା ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଇଓଙ୍କ ହସ୍ତକ୍ଷେପ ପରେ ହଟିଲା ଧାରଣା

ଭଣ୍ଡାରିପୋଖରୀ, ୧୮।୧୨ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଡେପୁଟେଶନ ବାତିଲ ଦାବିରେ ଗତ ଶନିବାରଠାରୁ ୫ ଦିନ ଧରି ତାଲା ପଡ଼ି ରହିଥିଲା। ଅଭିଭାବକ, ସ୍କୁଲ କମିଟି ସଦସ୍ୟ ଓ ଛାତ୍ରୀଛାତ୍ର ଜିଦ୍‌ରେ ଅଟଳ ରହି ଧାରଣା ଜାରି ରଖିଥିଲେ। ଶିକ୍ଷା ବିଭାଗ ସେମାନଙ୍କ ଦାବିକୁ ମାନି ନେବାରୁ ପଞ୍ଚମ ଦିନରେ ବୁଧବାର ସମସ୍ୟାର ସମାଧାନ ହୋଇଛି। ବିଇଓଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଥିବାବେଳେ ଗୁରୁବାରଠାରୁ ସ୍କୁଲ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି।

ଏହି ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ମହାଳିକଙ୍କୁ

## ବିଦ୍ୟାଳୟରୁ ଖୋଲିବ ତାଲା



ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି ବିଇଓ ଦୀପକ କୁମାର ପାଢୀ।

ଡେପୁଟେଶନରେ ନିକଟସ୍ଥ କୋରକରା ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଗତ ୧୩ ତାରିଖରେ ପଠାଯାଇଥିବାରୁ ୧୪ ତାରିଖରୁ ଅଭିଭାବକମାନେ ଜାଣି ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ୫ ଦିନ ଧରି ବିଦ୍ୟାଳୟରେ ତାଲା ପଡ଼ି ବନ୍ଦ ରହିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଡେପୁଟେଶନରେ ନିଆଯାଇଥିବା ଶିକ୍ଷକଙ୍କୁ ପୁଣି ଏହି ବିଦ୍ୟାଳୟକୁ ଅଣାଯାଉ ବୋଲି ଧାରଣାକାରୀ ଦାବି କରିଥିଲେ। ବିଇଓ ଦୀପକ କୁମାର ପାଢୀ ଓ ସ୍ଥାନୀୟ ପରମାନନ୍ଦପୁର ଶିକ୍ଷା ସଂଯୋଜକ ଉମାକାନ୍ତ ସାହୁ ବୁଧବାର ଅପରାହ୍ନ ପ୍ରାୟ ଗୋଟାଏରେ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଧାରଣାକାରୀ ଜିଦ୍‌ରେ ଅଟଳ ରହିବାରୁ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଆଖି ଆଖରେ ରଖି ଦାବି ମାନି ନେଇଥିଲେ। ଗୁରୁବାର ଅନ୍ୟ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ କୋରକରା ବିଦ୍ୟାଳୟକୁ ପଠାଇବେ ଏବଂ ଶିକ୍ଷକ ପ୍ରତାପ ମହାଳିକ ଗୁରୁବାର ଏଠାରେ ଯୋଗଦେବେ ବୋଲି ବିଇଓ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ଆଇଟିଆଇ ପରିସରରେ ଅଣଛାତ୍ରଙ୍କ ଗୁଣ୍ଡାରାଜ

**ଆନନ୍ଦପୁର,୧୮।୧୨(ସ୍ୱ.ପ୍ର.)-** ଆନନ୍ଦପୁର ପୌରପରିଷଦ ୧୨ ନଂ ୱାର୍ଡ ଶାଳପଡାଠାରେ ଥିବା ସରକାରୀ ଆଇଟିଆଇ କେନ୍ଦ୍ର ପରିସରରେ କେତେକ ଅଣଛାତ୍ର ଜୋରଜବରଦସ୍ତି ପ୍ରବେଶ କରି ବିଭିନ୍ନ ପ୍ରଜାତିର ଫୁଲ ଛିଡାଇବା ସହିତ ଗଛ ଭାଙ୍ଗି ନଷ୍ଟ କରିଥିଲେ। ଘଟଣାକୁ ନେଇ ଆଇଟିଆଇର ଛାତ୍ରମାନେ ବିରୋଧ କରିବାରୁ ଅନୁପ୍ରବେଶକାରୀ ଯୁବକମାନେ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ଆଇଟିଆଇର ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସମୟରେ ଅନୁପ୍ରବେଶ କରି ଗଛ ଲତା ନଷ୍ଟ କରିଥିବା ଯୁବକମାନେ ଅଧକ୍ଷଙ୍କୁ ନାନା କଥା କହି ଗାଳିଗୁଲଜ ମଧ କରିଥିଲେ। ଘଟଣାକୁ ନେଇ ଆଇଟିଆଇର ଛାତ୍ରଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଅଧକ୍ଷ ବିଶ୍ୱାଳ ଚିଠି ନଂ. ୨୦୨୧/୧୭।୧୨।୧୯ ରେ ଘସିପୁରା ଥାନାରେ ଅଭିଯୋଗ କରିବା ସହିତ ଚିଠି ନଂ ୨୦୨୨ ରେ ଏସଡିପିଓ ଆନନ୍ଦପୁର, ଚିଠି ନଂ ୨୦୨୩ ରେ ଏସପି କେନ୍ଦୁଝର, ଚିଠି ନଂ ୨୦୨୪ ରେ ଡିଟିଇ ଏଣ୍ଡ ଟି, ଓଡିଶାକୁ ଜଣାଇବା ସହିତ ଚିଠି ନଂ ୨୦୨୫ ରେ ଆନନ୍ଦପୁର ଉପଜିଲାପାଳଙ୍କ ନିକଟକୁ ଘଟଣା ସମ୍ପର୍କରେ ଅବଗତ କରିଥିବା ଜଣାପଡିଛି।

### ୫ ଚୋରା ମଦ ବେପାରୀ ଗିରଫ

**ପାଟଣା,୧୮।୧୨(ସ୍ୱ.ପ୍ର.)-** ପାଟଣା ଅବକାରୀ ଥାନା ପକ୍ଷରୁ ବୁଧବାର ପାଟଣାରେ ଅବକାରୀ ଚଢ଼ାଉ କରି ମୋଟ ୧୨୫ ଲିଟର ବେଆଇନ ଦେଶୀ ମହୁଲି ମଦ ଜବତ କରିବା ସହ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ବ୍ୟକ୍ତି ମାନେ ହେଉଛନ୍ତି ପାଟଣା ଥାନା ରାଧାପୁର ଗ୍ରାମର ସୁରେନ୍ଦ୍ର ବେହେରା , ବିକ୍ରମ ମାଝୀ, ଖଡିବେଡା ଗ୍ରାମର ସୁରେନ୍ଦ୍ର ଦେଓଗମ, କୁଦାବେଡା ଗ୍ରାମର ଲକ୍ଷ୍ମଣ ମାଝି ଓ ଗୁରୁବାରୀ ପାତ୍ର। ଏହି ଚଢ଼ାଉରେ ପାଟଣା ଅବକାରୀ ଅଧିକାରୀ ଦିଲୀପ ତାଣ୍ଡିଙ୍କ ସହ ଜନାର୍ଦ୍ଦନ ପଲେଇ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

### ଭୀମ ଭୋଇ ସାମର୍ଥ୍ୟ ଶିବିର

**ତେଲକୋଇ, ୧୮।୧୨(ଡି.ଏନ.ଏ.)-** ତେଲକୋଇ ବ୍ଲକ ମୁଖ୍ୟାଳୟ ଭିମଭୋଇ ସାମର୍ଥ୍ୟ ଶିବିର ବୁଧୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ୨୨ଟି ପଞ୍ଚାୟତରୁ ଭିନ୍ନକ୍ଷମ ମାନେ ଚିହ୍ନଟ ହେବା ସହିତ ଆବଶ୍ୟକ ସାର୍ଟିଫିକେଟ ସରକାରଙ୍କ ସହାୟତା ପାଇଁ ଅନୁମୋଦନ କରାଯାଇଛି। ଏହି ଭିନ୍ନକ୍ଷମ ଯୋଜନାରେ ସରକାରଙ୍କ ପାଇଁ ଡିଆରଆଇ ଋଣ ଆଦି ଅନ୍ତର୍ଭୁକ୍ତ ରହିଥିଲା। ଭିନ୍ନକ୍ଷମ ଶିବିରରେ ମାନସିକ ରୋଗ ବିଶେଷଜ୍ଞ ଡ. ସୁଶାନ୍ତ କୁମାର ମାଝୀ, ଅସ୍ଥିଶଲ୍ୟ ବିଭାଗର ଡ. ଦିଲୀପ କୁମାର ଜେନା, ନାସା, କର୍ଣ୍ଣ ଓ ଗଳା ବିଭାଗର ବିଶେଷଜ୍ଞ ଡ. ମାନସ କୁମାର ମହାନ୍ତ, ଚକ୍ଷୁ ବିଭାଗର ଡ. ରଶ୍ମୀ ରଞ୍ଜନ ଭଞ୍ଜ ଓ ଡ. ଅଞ୍ଜନା ଜେନା ଭିନ୍ନକ୍ଷମଙ୍କ ଚିକିତ୍ସା କରାଇବା ସହିତ ଆବଶ୍ୟକ ସହାୟତା ପାଇଁ ଔଷଧ, ଚିକିତ୍ସା ଓ ଉପକରଣ ବ୍ୟବସ୍ଥା କରିଥିଲେ। ଭିମଭୋଇ ସାମର୍ଥ୍ୟ ଶିବିରକୁ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ପରେ ଉକ୍ତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ପାଇଁ ବିଭିନ୍ନ ବିଭାଗରେ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା।

### ଲୁହା ଆଙ୍ଗେଲ ଚୋରି ଘଟଣା, ୨ ଗିରଫ

**ଯୋଡ଼ା, ୧୮।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ପୂର୍ବଯୋଡା ସ୍ଥିତ ଟିସ୍କୋ କଲୋନୀରେ ଘର କାମ ପାଇଁ ରଖାଯାଇଥିବା ୩୪ଟି ଲୁହା ଆଙ୍ଗେଲ ଚୋରି ହୋଇଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ୨ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାଙ୍କଠାରୁ ପୋଲିସ ୧୮ଟି ଚୋରା ଲୁହା ଆଙ୍ଗେଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କ୍ୟାମ୍ପ ହଟିଙ୍ଗର ବାବୁଲୁ କାରୁଆ ଓ ଅଭିମନ୍ୟୁ କାରୁଆ । ପୋଲିସର ସୂଚନା ଅନୁଯାୟୀ ଗତ ୧୪ ତାରିଖରେ ଉକ୍ତ କଲୋନୀରେ ଘର ନିର୍ମାଣ ପାଇଁ ରଖାଯାଇଥିବା ୩୪ ଟି ଲୁହା ଆଙ୍ଗେଲ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବାପରେ ଯୋଡା ଥାନାରେ ଏକ ମାମଲା (ନଂ ୨୨୦/୨୦୧୯) ରୁଜୁ କରାଯାଇଥିଲା ।

# ସ୍ଥାୟୀ ନିଯୁକ୍ତି ଦାବିରେ ଆମରଣ ଅନଶନ

**ଯୋଡ଼ା, ୧୮।୧୨(ଡି.ଏନ.ଏ)**



ଏସାର କମ୍ପାନୀ ସମ୍ମୁଖରେ ଗ୍ରାମବାସୀଙ୍କ ଆମରଣ ଅନଶନ।

କେନ୍ଦୁଝର ଜିଲା ଯୋଡା ବ୍ଲକ ବଡକାଳିମାଟି ପଞ୍ଚାୟତରେ ଥିବା ଏସାର ଷ୍ଟିଲ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମିହରା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ଥାୟୀ ନିଯୁକ୍ତି ଓ ବିଭିନ୍ନ ଦାବି ପୂରଣ କରିବା ପାଇଁ ଏସାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇ ପ୍ରତାରଣା କରାଯିବାରୁ ଜମିହରା ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଏସାର କମ୍ପାନୀର ୩ ନମ୍ବର ଗେଟ୍ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଜଣାପଡିଛି। ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଓ ଜମିହରାଙ୍କୁ ନେଇ ଗଠିତ ବଡକାଳିମାଟି ଡେଭେଲପମେଣ୍ଟ ସୋସାଇଟିର ସଦସ୍ୟାସଦସ୍ୟମାନେ ଏହି ଆମରଣ ଅନଶନରେ ବସିଥିବା ସୋସାଇଟିର ସଭାପତି ବଳଭଦ୍ର ପାତ୍ର ସୂଚନା ଦେଇଛନ୍ତି।

ଏସାର ଷ୍ଟିଲ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମିହରା ଓ ପ୍ରଭାବିତ ଗ୍ରାମବାସୀ ବିଭିନ୍ନ ଦାବି ଉପସ୍ଥାପନ କରି ଗତ ଜୁଲାଇ ୧୬ ତାରିଖରେ ଅନଶନରେ ବସିଥିଲେ। କମ୍ପାନୀ ପକ୍ଷରୁ ପ୍ରଶାସନର ସହାୟତାରେ ୧୪୪ ଧାରା ଲାଗୁ କରି ଅନଶନକାରୀଙ୍କୁ ଉଠାଇ ଦିଆଯାଇଥିଲା। ମାତ୍ର ସୋସାଇଟିର ସଦସ୍ୟାସଦସ୍ୟମାନେ କିଛି ଦିନ ରାଜରାସ୍ତା କଡରେ ଅନଶନରେ ବସିଥିଲେ। ପରେ ଗତ ଅଗଷ୍ଟ ୨୦ ତାରିଖରେ ଜମିହରା ଗ୍ରାମବାସୀମାନେ ଏସାର କମ୍ପାନୀ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆମରଣ ଅନଶନରେ ବସିବା ପରେ ଅକ୍ଟୋବର ୨୪ ତାରିଖରେ କମ୍ପାନୀ ପକ୍ଷରୁ ଦାବି ପୂରଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଅନଶନକାରୀମାନେ ଅନଶନ ପ୍ରତ୍ୟାହୃତ କରିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତିକୁ ଅଣଦେଖା କରିବାରୁ ଏବଂ ଜମିହରା ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ବାଧ ହୋଇ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଥିବା ସୋସାଇଟିର ସଭାପତି ବଳଭଦ୍ର ପାତ୍ର ଓ ଅନଶନରେ ବସିଥିବା ସଦସ୍ୟ ଅରବିନ୍ଦ ମହାକୁଡ, ଭୁବନେଶ୍ୱର ମହାକୁଡ, ସନାତନ ବାରିକ, ସତ୍ୟବ୍ରତ ପଲେଇ, ମୀନା ପାତ୍ର ପ୍ରମୁଖ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏନେଇ କମ୍ପାନୀର ଅଧିକାରୀ ମିଥିଲେଶ ଠାକୁର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଗ୍ରାମବାସୀଙ୍କ ସହିତ ଜିଲା ପ୍ରଶାସନ ଜରିଆରେ ଆଲୋଚନା ଚାଲିଛି ଖୁବ୍ ଶୀଘ୍ର ଏହାର ସମାଧାନ ହୋଇଯିବ।

## ଜାତୀୟସ୍ତରୀୟ ଦୃଷ୍ଟିହୀନ ଚେସ୍ ପ୍ରତିଯୋଗିତା

# ସମ୍ରାୟ ଓ ଲକ୍ଷ୍ମଣ ୪ର୍ଥ ରାଉଣ୍ଡକୁ ଉତ୍ତୀର୍ଣ୍ଣ

**ବାଲେଶ୍ୱର ଅଫିସ,୧୮।୧୨**




ସମ୍ରାୟ ଓ ଲକ୍ଷ୍ମଣ ।

ବାଲେଶ୍ୱର ଜିଲା ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଦୁଇ ଛାତ୍ର ବୁଧବାର ପୁଣେ ଠାରେ ଦୃଷ୍ଟିହୀନଙ୍କ ନିମନ୍ତେ ଅନୁଷ୍ଠିତ ଜାତୀୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଉତ୍ତମ ଖେଳ ପ୍ରଦର୍ଶନ କରି ୧ମ ଓ ୩ୟ ରାଉଣ୍ଡରେ ବିଜୟ ହୋଇ ୪ର୍ଥ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଦିବାକର ସ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ର ସମ୍ରାୟ ମାରାଣ୍ଡି ୧ମ ଓ ୩ୟ ରାଉଣ୍ଡରେ ଯଥାକ୍ରମେ ଗୁଜୁରାଟର ଅଭେଶ ଅନଶ୍ରୀ ଓ ଦିଲ୍ଲୀର ବିକ୍ରମ ବାରିଆଙ୍କୁ ହରାଇଛନ୍ତି। ସେହିପରି ଛାତ୍ର ଲକ୍ଷ୍ମଣ ନାଏକ ୧ମ ଓ ୩ୟ ରାଉଣ୍ଡରେ ମହାରାଷ୍ଟ୍ରର ସୁନିଲ ଚୌହାନ ଓ ସ୍ୱାପାନିଲ ଗାଏକ୍ୱାଡ଼ଙ୍କୁ ହରାଇ ୪ର୍ଥ ରାଉଣ୍ଡକୁ ପ୍ରବେଶ କରିଛନ୍ତି।

# ବାଲେଶ୍ୱରରେ ଜାତୀୟ ପେନ୍‌ସନ ଦିବସ

**ବାଲେଶ୍ୱର ଅଫିସ, ୧୮।୧୨**

ବାଲେଶ୍ୱର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ୩୮ତମ ଜାତୀୟ ପେନ୍‌ସନ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଧୀରେନ୍ଦ୍ର ନାରାୟଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ଇଂ. ବନମାଳୀ ନାୟକ ପେନସନର୍ସମାନଙ୍କ ସମସ୍ୟା ଉପରେ ଆଲୋକପାତ କରି ଜିଲା ଅତିରିକ୍ତ କୋଷାଗାର ଅଧିକାରୀ ବିଶ୍ୱନାଥ ମାଝୀ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆରୁ ଆସିଥିବା ପ୍ରଦୀପ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର ଉପଦେଷ୍ଟା କୃତିବାସ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ବଂଶୀଧର ମହାପାତ୍ର, କୁମୁଦ ରଞ୍ଜନ ଗିରି, ଶିଶିର ରଥ, ରେମୁଣା ଶାଖାର ସମ୍ପାଦକ ଅଜୟ କୁମାର ଜେନା ଓ ଉତ୍ତର ରେମୁଣା ଶାଖାର ସଭାପତି ଯୋଗେନ୍ଦ୍ର କୁମାର ସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଜିଲାର ବିଭିନ୍ନ ଶାଖାରୁ ଶତାଧିକ ପେନସନର ଯୋଗ ଦେଇଥିଲେ। ଶେଷରେ ଶିଶିର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ନୃତ୍ୟର ମଜା ନେଲେ ଛାତ୍ରୀଛାତ୍ର



ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

**ଖଇରା,୧୮।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ନୋଡାଲ ହାଇସ୍କୁଲରେ ବୁଧବାର ବାର୍ଷିକ ଉତ୍ସବ ସଭା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସଂସ୍କୃତି ଓ ଭାଷାସାହିତ୍ୟ ବିଭାଗ ଆନୁକୂଲ୍ୟରେ ପରିବେଷିତ ବଲାଙ୍ଗୀର ଲୋଇସିଂହାର ସମ୍ବଲପୁରୀ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର,ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ଏହାର ଭରପୂର ମଜା ନେଇଥିଲେ ।

ଏହି ଅବସରରେ ପ୍ରଧାନଶିକ୍ଷକ ମଣିଭଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ, ଶିକ୍ଷା ଓ ଜ୍ଞାନ ମଣିଷର ମୃତ୍ୟୁ ପର୍ଯ୍ୟନ୍ତ ସାଥିରେ ରହେ। ଛାତ୍ରୀଛାତ୍ର ନିଷ୍ଠାର ସହ ଅଧ୍ୟୟନ କରି ଏହାକୁ ନିଜର କରିବା ଦରକାର । ପ୍ରାକ୍ତନ ଶିକ୍ଷକ ଅଜୟ କୁମାର ପଣ୍ଡା ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ସରପଞ୍ଚ ଦମୟନ୍ତୀ ପଣ୍ଡା, ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ମହେନ୍ଦ୍ର ବର୍ଷାଲ ଓ ଶିକ୍ଷୟିତ୍ରୀ ମମତା ଉପାଧ୍ୟାୟ ମଞ୍ଚ ପରିଚାଳନା କରିଥିଲେ । ଚଳିତବର୍ଷ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସମେତ ଅନ୍ୟାନ୍ୟ ବିଷୟରେ ପାରଦର୍ଶିତା ଲାଭ କରିଥିବା ଦିଲୀପ କୁମାର ବାରିକ, ଗୀତାଞ୍ଜଳି ବାରିକ, ସୁଲଗ୍ନା ପଣ୍ଡାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ମନ୍ତ୍ରୀ ପାଣିଗ୍ରାହୀ ସ୍କୁଲ ପରିସରରେ ନିର୍ମିତ ହେବାକୁ ଥିବା ଅଙ୍ଗନୱାଡି କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ କରିଥିଲେ ।

# ପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ହେଲେ ବିଶ୍ୱନାଥ

**ପାଟଣା,୧୮।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ନାଏକ ବିଧାୟକ ଭାବେ ନିର୍ବାଚିତ ହେବାପରେ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଅଧ୍ୟକ୍ଷ ପଦବୀରେ ରହିଥିଲେ। ଏହି ପଦବୀ ପାଇଁ ବୁଧବାର ଆନୁଷ୍ଠାନିକ ଭାବେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଛି। ବ୍ଲକର ମୋଟ ୨୦ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ କଣ୍ଟିଆପଡା ପଞ୍ଚାୟତ ସମିତି ସଭ୍ୟ ପଦବୀ ଖାଲିଥିବାରୁ ୧୯ ଜଣ ସମିତି ସଭ୍ୟ ଦିନ ୧୦ ବେଳକୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ନିର୍ବାଚନ କକ୍ଷରେ ପ୍ରବେଶ କରିଥିଲେ। ତେବେ ଚିନାବାଲିପଶି ସମିତି ସଭ୍ୟ ବିଶ୍ୱନାଥ ନାୟକ ଏକୁଟିଆ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ତାଙ୍କୁ ନିର୍ବାଚନ ଅଧିକାରୀ ତଥା ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷଣା କରିଛନ୍ତି।

ପାଟଣା ବିଧାୟକ ଜଗନ୍ନାଥ ନାଏକ ବିଜୟୀ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ନିର୍ବାଚନକୁ ପରିଚାଳନା କରିବାରେ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ଓ ଜିପିଓ ରଶ୍ମିରେଖା ମହାନ୍ତି ସହଯୋଗ କରିଥିଲେ। ଏଥି ସହ ବିଶ୍ୱନାଥ ପଟଣା ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ସହ ବିଜେଡି ଦଳ ପୁନର୍ବାର ପାଟଣା ବ୍ଲକ ଅଧ୍ୟକ୍ଷ ପଦ ଦଖଲ କରିଛି।

# ଧାନକିଣା ଓ ଋଣ ପରିଶୋଧ ଉପରେ ଆଲୋଚନା



ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଚାଷୀ ଓ ବୋର୍ଡ଼ ସଭ୍ୟ।

**ଖଇରା,୧୮।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମସ୍ତ ଚାଷୀ ଓ ବୋର୍ଡ ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭୀଷ୍ମ ଚରଣ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ବାର୍ଷିକ ଆୟବ୍ୟୟ ରିପୋର୍ଟ ପାଠ କରିଥିଲେ । କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖା ପରିଚାଳକ ସଞ୍ଜୟ କୁମାର ମହାନ୍ତି ଋଣ ପରିଶୋଧ ଏବଂ ନୂତନ ଋଣ ନେବା ଉପରେ ଆଲୋଚନା କରିଥିଲେ । ସମିତିରେ ଧାନକ୍ରୟ ତାରିଖ ଅତିକ୍ରମ କରିବା ଓ ଦାୟିତ୍ୱରେ ଥିବା ମିଲର ଧାନ କିଣିବାକୁ ନ ଆସିବା ନେଇ ବୈଠକରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିଭଳି ଚାଷୀଙ୍କଠାରୁ ଧାନକିଣି ମିଲର ଏଜେଣ୍ଟ ଗାଡିରେ ବୋଝେଇ କରିବା ପର୍ଯ୍ୟନ୍ତ କୁଇଣ୍ଟାଲ ପିଛା ୧୫ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଯୋଗାଣ ବିଭାଗ ମାତ୍ର ୮ଟଙ୍କା ଦେଉଥିବାରୁ ସମିତିକୁ କ୍ଷତି ସହିବାକୁ ପଡୁଛି। ସମ୍ପୃକ୍ତ ବିଭାଗ ଏହି କ୍ଷତି ଭରଣା କରିବାକୁ ପରିଚାଳନା ବୋର୍ଡ ସଭ୍ୟ କ୍ଷୀରୋଦ ଘଡେଇ, କ୍ଷେତ୍ର ମୋହନ ଖଟୁଆ, ଉଦ୍ଧବ ଘଡେଇ, ଉଦୟ ନାୟକ, ମହେନ୍ଦ୍ର ନାୟକ, ରବିନ୍ଦ୍ର ନାଥ ଲେଙ୍କା,ରମେଶ ଘଡେଇ ପ୍ରମୁଖ ଦାବି କରିଥିଲେ ।

# ୱାର୍ଡ ବୁଲି ଆବାସ ନିର୍ମାଣ କାର୍ଯ୍ୟ ତଦାରଖ

**ଭଣ୍ଡାରିପୋଖରୀ, ୧୮।୧୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ସରପଞ୍ଚ ରୀତାଞ୍ଜଳି ସାମଲ ପ୍ରତ୍ୟେକ ୱାର୍ଡ ବୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟ ସମ୍ପର୍କରେ ତଦାରଖ କରୁଛନ୍ତି। ପଞ୍ଚାୟତର ୧୧, ୧୩ ଓ ୬ ନମ୍ବର ୱାର୍ଡରେ ଯେଉଁ ହିତାଧିକାରୀମାନେ ଘର ନିର୍ମାଣ କରୁଛନ୍ତି ଓ ଯେଉଁମାନେ କାମ ଆରମ୍ଭ କରିନାହାନ୍ତି ସେମାନଙ୍କୁ ସରପଞ୍ଚ ଭେଟି ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଘର ନିର୍ମାଣ ପାଇଁ ସେ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ଗୃହ ନିର୍ମାଣ ସହ ଯେପରି ସମସ୍ତ ହିତାଧିକାରୀ ଶୌଚାଳୟ ନିର୍ମାଣ କରିବେ ସେ ନେଇ ୱାର୍ଡବାସୀଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚଙ୍କ ଏହି ଗସ୍ତ ସମୟରେ ୱାର୍ଡ ସଦସ୍ୟା ନମିତାରାଣୀ ନାଥ, ଉମା ଜେନା, ଗୁରୁପ୍ରସାଦ ପଲେଇ, ମିଟୁ ଜେନା, ଦୀନବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକଙ୍କ ବିକାଶ ପାଇଁ ମିଳିତ ସହଯୋଗ ଲୋଡ଼ା

**ବାଲେଶ୍ୱର ଅଫିସ, ୧୮।୧୨**

ବାଲେଶ୍ୱର ନିର୍ମାଣ ମଜଦୁର ସଭାର ତୃତୀୟ ବାର୍ଷିକ ଉତ୍ସବ ଗାନ୍ଧୀ ସ୍ମୃତି ଭବନ ପରିସରରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଏହା ପୂର୍ବରୁ ଶତାଧିକ କର୍ମୀ ସ୍ଥାନୀୟ ଷ୍ଟେଶନ ପରିସରରୁ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ସ୍ମୃତି ଭବନ ପରିସରରେ ପହଞ୍ଚିଥିଲେ। ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ପୀତାମ୍ବର ମାଝି ସଭାପତିତ୍ୱ କରି ୪ଟି ଜିଲାର ଶ୍ରମିକମାନେ ଏକତ୍ରିତ ଭାବେ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଶାନ୍ତନୁ କୁମାର ଦାସ, ବିକାଶ ଦାସ, ବିରଞ୍ଚି ପ୍ରଧାନ, ଦିଲ୍ଲୀପ ପାଲ, କେଶବ ଲେଙ୍କା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ସଭାପତି ଯାଦବେଶ ମିଶ୍ର ଓ ସହସମ୍ପାଦିକା ସୁରତୀ ଲତା ରାଉତ ସଭା ପରିଚାଳନା କରିଥିଲେ। ଶ୍ରମିକ ନେତା ନନ୍ଦିନୀ ମହାନ୍ତି, ଲକ୍ଷ୍ମୀ ମହାରଣା, ଉଲ୍ଲାସ ବାରିକ, ତ୍ରିଲୋଚନା ବେହେରା, ଦାମୋଦର ପ୍ରଧାନ, ଅନ୍ନପୂର୍ଣ୍ଣା ସାହୁ, ସୁକାନ୍ତି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ଜାନୁୟାରୀ ୮ ତାରିଖ ଭାରତ ବନ୍ଦ ଡାକରାକୁ ଅନୁଷ୍ଠାନ ପକ୍ଷରୁ ସମର୍ଥନ କରାଯାଇଥିଲା।



ନିର୍ମାଣ ମଜଦୁର ସଭାର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# 'ଏକତା ଓ ସାମାଜିକ ମୂଲ୍ୟବୋଧର ସୁରକ୍ଷା ଜରୁରୀ'

**ଜଳେଶ୍ୱର,୧୮।୧୨(ସ୍ୱ.ପ୍ର.)**

## ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ



ଜିଲା ବିଦ୍ୟାଳୟସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଜିଲା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ବିଦ୍ୟାଳୟସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ ପୌରୋହିତ୍ୱ କରିଥିଲେ। ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ସମଗ୍ର ପୃଥିବୀକୁ ଏକତା ସୂତ୍ରରେ ବାନ୍ଧିରଖିବା ସହ ସାମାଜିକ ମୂଲ୍ୟବୋଧରେ ନିଜେ ସୁରକ୍ଷିତ ରହିବା ଜୁନିୟର ରେଡ଼କ୍ରସ ଶିକ୍ଷାର୍ଥୀଙ୍କ ଧର୍ମ ହେଉ ବୋଲି କହିଥିଲେ। ସମ୍ମାନନନୀୟ ଅତିଥିରୂପେ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ, ଟ୍ରେନର ତଥା ରିସୋର୍ସ ପର୍ସନ ଉମାକାନ୍ତ ବେହେରା, କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପାସା, ବରିଷ୍ଠ ଅଧିକାରୀ ରିତେଶ କୁମାର ରାୟ ପ୍ରମୁଖ ଯୋଗ ଦେଇ ଜୁନିୟର ରେଡକ୍ରସର ବିଭିନ୍ନ ଦିଗ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ଜଳେଶ୍ୱର ବ୍ଲକ ନୋଡ଼ାଲ ଅଫିସର ମୂରଲୀ ମୋହନ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସରୋଜ କୁମାର ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଜିଲା ଶାରିରୀକ ଶିକ୍ଷାନୀରିକ୍ଷକ ଅଶୋକ କୁମାର ନାୟକ ସ୍ୱାଗତ ଅଭିଭାଷଣ ଦେଇ ୩ ଦିନ ବ୍ୟାପି ଚାଲିଥିବା ଶିବିରର ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ପରିଚାଳନା ପାଇଁ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ କାଉନ୍‌ସିଲର ରୂପେ ସେହି ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ଜେନା, ବେଷ୍ଟ ଜେଆର୍‌ସି ୟୁନିଟ୍ ମହାବିର ଆବାସିକ ବିଦ୍ୟାଳୟ ରେମୁଣା, ବେଷ୍ଟ ଜେଆରସି ଜୁନିୟର ବାଳକ ଆୟୁଷ ବଡଜେନା, ଓ ବାଳିକା ଜୁନିୟର ଅର୍ଘ୍ୟରୂପା ଦାସ, ବେଷ୍ଟ ଜେଆରସି ସିନିୟର ବାଳକ ଦେବଜ୍ୟୋତି ପଣ୍ଡା ଓ ସିନିୟର ବାଳିକା ପାୟଲ ମଡୁଆଳଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିରରେ ଜିଲାର ୧୨ଟି ବ୍ଲକରୁ ୧୦୯୨ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଅଜିତ୍ କୁମାର ମହାନ୍ତି, ବଂଶୀଧର ବାରିକ, ଗଗନ ବିହାରୀ ପରିଡ଼ା, ଶ୍ରୀକାନ୍ତ ଦାସ, ମନୋରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୂଚୀସ୍ମିତା ବେହେରା ଓ ଦେବସ୍ମିତା ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ରେମୁଣା ମହାବୀର ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ଦାଣ୍ଡିନୃତ୍ୟ ପରିବେଷଣ କରିଥିବାବେଳେ ଓଲମରା ହାଇସ୍କୁଲର ୨ ଯାଆଁଳ ଭଉଣୀ ସୁନୟନା ଦେ ଓ ଅନନ୍ୟା ଦେ ନୃତ୍ୟ ପରିବେଷଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଡିସେମ୍ବର ୧୯/୨୦୧୯ Balasore, Thursday, December 19/2019

## ସଂକ୍ଷେପରେ

### ଶିଶୁ ମୃତ୍ୟୁ ଘଟଣା: ଗିରଫ ହେଲେ ଟ୍ରାକ୍ଟର ଚାଳକ

ପଦ୍ମପୁର, ୧୮।୧୨(ଡି.ଏନ.ଏ.)- ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ଗ୍ରାମରେ ଗତ ସୋମବାର ଧାନ କଳେଇ ବୋଝେଇ ଏକ ଟ୍ରାକ୍ଟର ଦୁଇ ଶିଶୁଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ଜଣେ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଏ ନେଇ ନାୟକାଣିଡିହୀ ଥାନାରେ ଏକ ମାମଲା(ନଂ.୧୮୪/୧୯) ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ନାୟକାଣିଡିହୀ ପୋଲିସ ଗାଡ଼ି ଚାଳକ ଜିତେନ୍ଦ୍ର ସାହୁଙ୍କୁ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି।

### ସୋର ନିକଟରେ ବସ୍ ଦୁର୍ଘଟଣା: ୫ ଆହତ



ବାଲେଶ୍ୱର ଅଫିସ/ସୋର, ୧୮।୧୨ (ଡି.ଏନ୍.ଏ.)- ପଶ୍ଚିମବଙ୍ଗ କଲିକତାରୁ ୪୦ ଯାତ୍ରୀଙ୍କୁ ନେଇ ପୁରୀକୁ ଯାଉଥିବା ଏକ ବସ୍ ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ ଜାତୀୟ ରାଜପଥ ତଳନଗର ଚପରପଦାଠାରେ ବୁଧବାର ଭୋର ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାର ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ବସ୍‌ଟି ନୟନଯୋରିକୁ ଖସି ଯାଇଥିଲା। ଏହି ଦୁର୍ଘଟଣାରେ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅନ୍ୟ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ସୋର ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ଆହତଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏ ନେଇ ପୋଲିସ ତଦନ୍ତ କରୁଥିବା କହିଛି।

### ସୁଗୋ ପଞ୍ଚାୟତର ପିଇଓ ନିଲମ୍ବିତ

ଜଳେଶ୍ୱର,୧୮।୧୨(ସ୍ୱ.ପ୍ର)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ସୁଗୋ ପଞ୍ଚାୟତ ରାଜ୍ୟ ସରକାରଙ୍କ ଭତ୍ତା ଓ ପେନସନ୍ ଦେବାରେ ଅନିୟମିତତା ହୋଇଥିବା ଅଭିଯୋଗ କ୍ରମେ ଘଟଣାର ପଞ୍ଚାୟତ ପିଇଓ ସଞ୍ଜୟ କୁମାର ପଣ୍ଡିତଙ୍କୁ ନିଲମ୍ବିତ କରାଯାଇଛି। ଜିଲାପାଳଙ୍କ ଚିଠି (ନଂ. ୧୮୨/ତା୧୫।୧୨।୧୯ରିଖ) ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇ ପ୍ରତିଦିନ ବସ୍ତା ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ କୁହାଯାଇଛି। ଏ ସମ୍ପର୍କରେ ଅଧିକ ତଦାରଖ କରିବାକୁ ବସ୍ତା ବ୍ଲକ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖନୀୟ ଯେ, ଜଳେଶ୍ୱରର କେତୋଟି ପଞ୍ଚାୟତରେ ଭତ୍ତା, ପେନସନ ପ୍ରଦାନରେ ଦୁର୍ନୀତି ଓ ଅନିୟମିତତା ହେଉଥିବା ଲୋକେ ପୂର୍ବରୁ ଅଭିଯୋଗ କରି ଆସୁଥିଲେ। ଗତ ଦୁଇଦିନ ତଳେ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଏପରି ବହୁ ଅଭିଯୋଗ ମଧ୍ୟ ଆସିଥିଲା। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣେ ଅଧବକାରୀ ସୂଚନା ଦେଇଛନ୍ତି।

# ଜଳେଶ୍ୱର ତହସିଲରେ ସାମିଲ ଚୋରମରା ଗାଁ

■ଭୌଗୋଳିକ ଅବସ୍ଥିତି ସାଜିଥିଲା ବାଧକ

■ଆଉ ଏଣିକି ପାର ହେବାକୁ ପଡିବନି ସୁବର୍ଣ୍ଣରେଖା

ଜଳେଶ୍ୱର,୧୮।୧୨(ସ୍ୱ.ପ୍ର)–

ସୁବର୍ଣ୍ଣରେଖା ନଦୀର ପଶ୍ଚିମପଟେ ଜଳେଶ୍ୱର ବ୍ଲକ ଥିବାବେଳେ ପୂର୍ବପଟେ ବସ୍ତା ବ୍ଲକ ରହିଛି। ଚୋରମରା ଭଳି କେତେକ ଗାଁ ନଦୀର ଅନ୍ୟପାର୍ଶ୍ୱରେ ଥିବାରୁ ଲୋକେ ବ୍ଲକ ସଦର ମହକୁମାକୁ ଯାତାୟତ କରିବାରେ ହଇରାଣ ହେଉଥିଲେ। ଚୋରମରା ଗାଁ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ସୁବର୍ଣ୍ଣରେଖାର ପଶ୍ଚିମପଟ ଜଳେଶ୍ୱର ତହସିଲକୁ ଲାଗି ରହିଥିଲେ ମଧ୍ୟ ଏହା ବସ୍ତା ତହସିଲ ଅଧୀନରେ ରହିଆସୁଥିଲା। ବିଭିନ୍ନ ସମୟରେ ନିର୍ବାଚିତ ପ୍ରତିନିଧିମାନେ ପଞ୍ଚାୟତଠାରୁ ବିଧାନସଭା ପର୍ଯ୍ୟନ୍ତ ଏ ନେଇ ପ୍ରଶ୍ନ ଉଠାଇ ଆସୁଥିଲେ। ହେଲେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ନିକଟରେ ଚୋରମରା ସରପଞ୍ଚ ପରିତୋଷ କାମିଳା ବୋର୍ଡ଼ ଅଫ ରେଭିନ୍ୟୁ କୋର୍ଟରେ ଏହି ଗାଁକୁ ଜଳେଶ୍ୱର ତହସିଲରେ ସାମିଲ କରିବା ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ। ୬ ମାସର ଶୁଣାଣି ପରେ ଜିଲାପାଳଙ୍କଠାରୁ ସମସ୍ତ ତଥ୍ୟ ବୋର୍ଡ଼ ଅଫ ରେଭିନ୍ୟୁକୁ ପଠାଯାଇଥିଲା। ଫଳରେ ଲବେ ଚୋରମରା ପଞ୍ଚାୟତରେ ଥିବା ଚୋରମରା ଗାଁ ଓ ଚୌଘରୀ ଗାଁ ମଧ୍ୟରୁ କେବଳ ଚୋରମରାକୁ ଜଳେଶ୍ୱର ତହସିଲରେ ସାମିଲ କରାଯାଇଛି। ଏ ସମ୍ପର୍କରେ ବିଧିବଦ୍ଧ ଚିଠି ବୋର୍ଡ଼ ଅଫ ରେଭିନ୍ୟୁ ପକ୍ଷରୁ ଜିଲାପାଳଙ୍କ ମାଧ୍ୟମରେ ଜଳେଶ୍ୱର ଓ ବସ୍ତା ତହସିଲକୁ ପଠାଯାଇଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ତହସିଲଦାର ଜମାଲପୁର ଆର୍‌ଆଇଙ୍କୁ ଏକ ଚିଠି (ନଂ ୫୩୯୯/ତା ୧୩।୧୨।୧୯) କରି ବସ୍ତା ତହସିଲ ଯାଇ ସେଠାରୁ ସମସ୍ତ ନକ୍ସା ଓ ଅନ୍ୟ ଖତିଆନ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଜମାଲପୁର ଆର୍‌ଆଇ ଏହି କାର୍ଯ୍ୟ ତୁଲାଇଛନ୍ତି। ଫଳରେ ଚୋରମରା ଗ୍ରାମବାସୀଙ୍କୁ ଆଉ ଏଣିକି ନଦୀ ପାର ହୋଇ ବସ୍ତା ତହସିଲକୁ ଯିବାକୁ ପଡ଼ିବ ନାହିଁ। ଅଞ୍ଚଳବାସୀ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି।

## ବେଆଇନ ଗଚ୍ଛିତ ୧୩୮ ବସ୍ତା ଚାଉଳ ଜବତ



ଚାଉଳ ଗୋଦାମରେ ଯାଞ୍ଚ କରୁଛନ୍ତି ଯୋଗାଣ ଅଧିକାରୀ।

ଭଦ୍ରକ ଅଫିସ, ୧୮।୧୨

ଭଦ୍ରକ ଜିଲା ଯୋଗାଣ ବିଭାଗର ଏକ ଚାରିଜଣିଆ ଟିମ୍ ବୁଧବାର ଅପରାହ୍ନରେ ସଦର ବ୍ଲକ ଅଧୀନ ଦୈସିଂ ପଞ୍ଚାୟତ ଚଢ଼େୟା ଜେନାସାହିର ଏକ ଘରେ ଅଚାନକ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ଥିବା ୧୩୮ ବସ୍ତା ଚାଉଳ ଜବତ କରିଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ବନ୍ତ ଯୋଗାଣ ନିରୀକ୍ଷକ ଅଶୋକ କୁମାର ବେହେରା, ବାସୁଦେବପୁର ପୌରପାଳିକା ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସ ଓ ଭଦ୍ରକ ଯୋଗାଣ ନିରୀକ୍ଷକ ବାବୁଲାଲ ବାରିକ ଚଢ଼ାଉରେ ସାମିଲ ଥିଲେ। ଏହି ସାହିର ଜଣେ ବ୍ୟକ୍ତିଙ୍କ ଘରକୁ ଅନ୍ୟ ଜଣେ ବ୍ୟକ୍ତି ଭଡ଼ାରେ ନେଇ ସେଠାରେ ୧୩୮ ବସ୍ତା ତଥା ୬୯ କୁଇଣ୍ଟାଲ ଚାଉଳ ରଖିଥିଲେ ବୋଲି ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରାଥମିକ ସୂଚନା ଦେଇଛନ୍ତି। ଉକ୍ତ ଚାଉଳରେ ବିଭିନ୍ନ ମିଲ୍‌ର ଟ୍ୟାଗ୍ ଲାଗିଥିବା ଚଢ଼ାଉ ବେଳେ ଏହି ଟିମ୍ ଜାଣିବାକୁ ପାଇଛି। ତେବେ ଏତେ ପରିମାଣର ଚାଉଳ କିଭଳି ସେଠାରେ ରଖାଗଲା ସେ ନେଇ ଜିଲା ଯୋଗାଣ ବିଭାଗ ତଦନ୍ତ କରୁଛି। ବେଆଇନ ଗଚ୍ଛିତ ହୋଇଥିବାରୁ ଉକ୍ତ ଘରକୁ ସିଲ୍ କରାଯାଇ ଚାଉଳକୁ ସ୍ଥାନୀୟ ଜଣେ ଡିଲରଙ୍କୁ ଜିମା ଦିଆଯାଇଛି। ଘଟଣାର ତଦନ୍ତ ପରେ ଅଧିକ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିଲାପାଳ ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ବେଆଇନ ଭାବେ ଚାଉଳ ଗଚ୍ଛିତ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## କର୍ତ୍ତବ୍ୟରେ ଅବହେଳା: ୩ ପୋଲିସ ନିଲମ୍ବିତ

ଭୋଗରାଇ,୧୮।୧୨(ଡି.ଏନ.ଏ.)–

ପୋଲିସ ହେପାଜତରୁ ଅଭିଯୁକ୍ତ ଖସିଯିବା ଘଟଣା ନେଇ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କମର୍ଦ୍ଦା ଥାନାର ଦୁଇଜଣ ଓ ରିଜର୍ଭ ପୋଲିସର ଜଣେ କର୍ମଚାରୀଙ୍କୁ କର୍ତ୍ତବ୍ୟର ଅବହେଳା କରିଥିବା ଅଭିଯୋଗରେ ନିଲମ୍ବିତ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ପତ୍ର ସଂଖ୍ୟା (୨୭୪୧/ଆର୍.ଓ ) ଅନୁଯାୟୀ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ୩ ପୋଲିସ କର୍ମଚାରୀ ହେଲେ କମର୍ଦ୍ଦା ଥାନାର ଏଏସ୍‌ଆଇ ଭକ୍ତହରି ପଟ୍ଟନାୟକ, ହାବିଲଦାର ଅରୁଣ କୁମାର ଧଳଏବଂ ରିଜର୍ଭ ପୋଲିସର କନଷ୍ଟେବଳ ମମତା ପାତ୍ର।

ସୂଚନାନୁଯାୟୀ, କମର୍ଦ୍ଦା ଥାନା ଅଧୀନ ବାଲିମ ଅଞ୍ଚଳର ଜନୈକ ନାବାଳିକାଙ୍କୁ ଉତ୍ତରପ୍ରଦେଶ କସିଆ ଥାନା ଅଞ୍ଚଳର ଧାନକଟା ମେଶିନ୍ ଚାଳକ ଦୀପକ ଯାଦବ (୩୨) ଅପହରଣ କରିନେଇଥିଲେ। ଏନେଇ ଗତ ମାସ ୨୩ ତାରିଖରେ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ. ୧୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକ୍ କରି ତାଙ୍କ ସନ୍ଧାନ ପାଇବାରୁ ପୋଲିସ ଏକ ସ୍କର୍ପିଓ ଗାଡ଼ିରେ ଉତ୍ତରପ୍ରଦେଶ ଯାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଧରି ସେଠାକାର କୁଶୀନଗର ସିଜିଏମ୍ କୋର୍ଟରେ ହାଜର କରାଇ ବାଲେଶ୍ୱରକୁ ଫେରୁଥିଲେ। ଫେରିବା ସମୟରେ ଝାଡ଼ଖଣ୍ଡ ହଜାରିବାଗ ଅଞ୍ଚଳରେ ଅଭିଯୁକ୍ତ ପେଟରେ ଭୀଷଣ ଯନ୍ତ୍ରଣା ହେଉଛି ବୋଲି କହିବା ସହିତ ଶୌଚଯିବ ବୋଲି କହିବାରୁ ଗାଡ଼ ଅଟକିଥିଲା। ଅଭିଯୁକ୍ତ ରସିରେ ହାତବନ୍ଧା ହୋଇଥିବା ଅବସ୍ଥାରେ ଗାଡ଼ିରୁ ଓହ୍ଲାଇ ପଡ଼ି ରସିକୁ ଝିଙ୍କି ରାସ୍ତା ପାଖ ନିଘଞ୍ଚ ଜଙ୍ଗଲରେ ଚମ୍ପଟ ମାରିଥିଲେ। ପୋଲିସ ଖୋଜାଖୋଜି କରି ଅଭିଯୁକ୍ତଙ୍କୁ ନ ପାଇ ଉଦ୍ଧାର ନାବାଳିକାକୁ ଧରି ଜଳେଶ୍ୱର କୋର୍ଟକୁ ଫେରିଥିଲେ। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇ ଜିଲା ଆରକ୍ଷୀ ଅଧୀକ୍ଷକ ୩ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି।

## ଜାତୀୟ ରାଜପଥରେ ଚାନ୍ଦା ଆଦାୟ: ଜଣେ ଗିରଫ

ଜଳେଶ୍ୱର,୧୮।୧୨(ସ୍ୱ.ପ୍ର.)– ବାଲେଶ୍ୱର ଜିଲା ଜଳେଶ୍ୱର ନିକଟସ୍ଥ ୬୦ନଂ ଜାତୀୟ ରାଜପଥର ଟୋଲପ୍ଲାଜା ନିକଟରେ ଏକ କାର୍ଯ୍ୟାଳୟ ଖୋଲି ରାତିରେ ଯାଉଥିବା ବିଭିନ୍ନ ଯାତ୍ରୀବାହୀ ବସ୍, ଟ୍ରକରୁ ଚାନ୍ଦା ଆଦାୟ କରାଯାଉଥିଲା। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ମଙ୍ଗଳବାର ରାତିରେ ସେଠାରେ ପହଞ୍ଚି ଦେଉଳା ଗ୍ରାମର ନରୋତ୍ତମ ସେଠୀଙ୍କୁ ଗିରଫ କରିଛନ୍ତି। ଅନ୍ୟଜଣେ ସହଯୋଗୀ ସେଠାରୁ ଚମ୍ପଟ ମାରିଛନ୍ତି। ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏଏସ୍‌ଆଇ ନୟନ ସେଠୀ ଏହି ଚଢ଼ାଉରେ ସହଯୋଗ କରିଥିଲେ। ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ନୂତନ କୋର୍ଟଗୃହ ପରିଦର୍ଶନ କଲେ ଜିଲା ଜଜ୍

ଜଳେଶ୍ୱର,୧୮।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲାରେ ନୂତନ ଭାବେ ଯୋଗଦେଇଥିବା ଜିଲା ଜଜ୍ ହୀରଣ୍ମୟ ବିଶୋୟୀ ବୁଧବାର ଅପରାହ୍ନରେ ଲକ୍ଷ୍ମଣନାଥ ସ୍ଥିତ ପୁରାତନ ତନଖି ଫାଟକ ନିକଟରେ ନିର୍ମାଣ ହୋଇଥିବା କୋର୍ଟ ଗୃହ ବୁଲି ଦେଖିଥିଲେ। ତାଙ୍କ ସହିତ କୋର୍ଟ ମ୍ୟାନେଜର ଓ ରେଜିଷ୍ଟ୍ରାର, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଜଜ୍‌ଙ୍କ ସହିତ ପୂର୍ବତନ ବାର ସଭାପତି ସତ୍ୟ ସୁନ୍ଦର ଦାସ, ଚିନ୍ମୟ ଦାସ, ବର୍ତ୍ତମାନର ସଭାପତି କୁଞ୍ଜ ବିହାରୀ ଦାସ, ସମ୍ପାଦକ ଦେବକାନ୍ତ କାସ୍ତା, ସବ୍ୟସାଚୀ ଦାସ, ନିଗମ ବ୍ରହ୍ମ, ମଳୟ ମହାନ୍ତ ପ୍ରମୁଖ ଜଳେଶ୍ୱର କୋର୍ଟର ପ୍ରାୟ ୪୦ରୁ ଅଧିକ ଆଇନଜୀବୀ ଘଟଣା ସ୍ଥଳକୁ ଯାଇଥିଲେ।

ଉଲ୍ଲେଖନୀୟ ଯେ, ନୂତନ କୋର୍ଟ ସ୍ଥାନ ନିରୂପଣକୁ ନେଇ ହାଇକୋର୍ଟରେ ରିଟ୍ ପିଟିସନ (ପିଏଲଆଇ ମାମଲା ନଂ. ୨୦୨୪୪।୨୦୧୯) ଦାୟର ହୋଇଥିଲା। ଏହାର ବିଚାର କରି ହାଇକୋର୍ଟ ବେଞ୍ଚ ଗତମାସ ତାରିଖରେ ଆଇନ ସଚିବ, ଜିଲାପାଳ ଓ ଜିଲା ଜଜ୍‌ଙ୍କୁ ଏ ସମ୍ପର୍କରେ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲା ଜଜ୍ ଆସି ଲକ୍ଷ୍ମଣନାଥ ସ୍ଥିତ ୬୦ନମ୍ବର ଜାତୀୟ ରାଜପଥ କଡରେ ନିର୍ମାଣ ହୋଇଥିବା କୋର୍ଟ ଘର, କାର୍ଯ୍ୟାଳୟ, ବାର କାର୍ଯ୍ୟାଳୟ ଆଦି ପରିଦର୍ଶନ କରିଥିଲେ। ଇତି ମଧ୍ୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷ୍ମଣନାଥ ଠାରେ ଚାଲିଥିବା ନିର୍ମାଣ ଓ ମରାମତି କାର୍ଯ୍ୟ ଆସନ୍ତା ୩୧ ତାରିଖ ସୁଦ୍ଧା ଶେଷ ହେବ ବୋଲି କୁହାଯାଇଛି।




## ପଞ୍ଚାୟତ ନିର୍ବାହୀ ଅଧିକାରୀ ଚାକିରିରୁ ବହିଷ୍କୃତ

ବଡ଼ସାହି,୧୮।୧୨(ସ୍ୱ.ପ୍ର)–

ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ବଡ଼ସାହି ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଧର୍ମା ସିଂଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ମୟୂରଭଞ୍ଜ ଜିଲାପାଳଙ୍କ ଆଦେଶ ନଂ. ୨୦୮୬/ଜିପି ତା୧୭।୧୨।୨୦୧୯ରିଖ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବହିଷ୍କୃତ ପିଇଓ ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ଓ ଶିଆଳିଘାଟି ପଞ୍ଚାୟତ ଦାୟିତ୍ୱରେ ଥିଲେ।

ସୂଚନା ଅନୁଯାୟୀ, ରାଇରଙ୍ଗପୁର ବ୍ଲକର ଭାଲୁବସା ପଞ୍ଚାୟତରେ କାର୍ଯ୍ୟ କରୁଥିବା ବେଳେ ୨୦୧୪ ମାର୍ଚ୍ଚ ମାସରେ ବୁଶାମରା ଗ୍ରାମର ଘାସିରାମ ବେହେରାଙ୍କ ନିକଟରୁ ୧୭ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ଭିଜିଲାନ୍ସ ବିଭାଗ ବାଲେଶ୍ୱର କାର୍ଯ୍ୟାଳୟରେ ଏକ ମାମଲା (ନଂ.୧୩/୧୦।୩।୨୦୧୪) ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ବାରିପଦା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାପତି ୨୦୧୯ ଜୁନ ୨୧ତାରିଖରେ ତାଙ୍କୁ ଦଣ୍ଡିତ କରିଥିଲେ। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପିଇଓ ସିଂ ଗତ ନଭେମ୍ବର ୨୮ତାରିଖରେ ମୟୂରଭଞ୍ଜ ଜିଲାପାଳଙ୍କ କୋର୍ଟରେ ନିଜର ପକ୍ଷ ରଖିଥିଲେ। ଜିଲାପାଳ ସମସ୍ତ ଘଟଣା ଶୁଣିବା ପରେ ତାଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଆଦେଶରେ ଉଲ୍ଲେଖ ଅଛି। ତେବେ ପିଇଓ ସିଂ ବହିଷ୍କୃତ ହେବା ପରେ ବଡ଼ସାହି ବ୍ଲକର ୩୦ଟି ପଞ୍ଚାୟତ ପାଇଁ ମାତ୍ର ୧୩ଜଣ ପିଇଓ କାର୍ଯ୍ୟ ତୁଲାଇବେ। ଯଥାଶୀଘ୍ର ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ ପୂର୍ବତନ କଂଗ୍ରେସ ଜୋନ ସଭାପତି ଶଶାଙ୍କ ଶେଖର କର ଦାବି କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଆଇଟିଆଇ ପରିସରରେ ଅଣଛାତ୍ରଙ୍କ ଗୁଣ୍ଡାରାଜ

ଆନନ୍ଦପୁର,୧୮।୧୨(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦ ୧୨ ନଂ ୱାର୍ଡ ଶାଳପଡାଠାରେ ଥିବା ସରକାରୀ ଆଇଟିଆଇ କେନ୍ଦ୍ର ପରିସରରେ କେତେକ ଅଣଛାତ୍ର ଜୋରଜବରଦସ୍ତି ପ୍ରବେଶ କରି ବିଭିନ୍ନ ପ୍ରଜାତିର ଫୁଲ ଛିଡାଇବା ସହିତ ଗଛ ଭାଙ୍ଗି ନଷ୍ଟ କରିଥିଲେ। ଘଟଣାକୁ ନେଇ ଆଇଟିଆଇର ଛାତ୍ରମାନେ ବିରୋଧ କରିବାରୁ ଅନୁପ୍ରବେଶକାରୀ ଯୁବକମାନେ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ଆଇଟିଆଇର ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସମୟରେ ଅନୁପ୍ରବେଶ କରି ଗଛ ଲତା ନଷ୍ଟ କରିଥିବା ଯୁବକମାନେ ଅଧକ୍ଷଙ୍କୁ ନାନା କଥା କହି ଗାଳିଗୁଲଜ ମଧ କରିଥିଲେ। ଘଟଣାକୁ ନେଇ ଆଇଟିଆଇର ଛାତ୍ରଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଅଧକ୍ଷ ବିଶ୍ୱାଳ ଚିଠି ନଂ. ୨୦୨୧/୧୭।୧୨।୧୯ ରେ ଘସିପୁରା ଥାନାରେ ଅଭିଯୋଗ କରିବା ସହିତ ଚିଠି ନଂ ୨୦୨୨ ରେ ଏସଡିପିଓ ଆନନ୍ଦପୁର, ଚିଠି ନଂ ୨୦୨୩ ରେ ଏସପି କେନ୍ଦୁଝର, ଚିଠି ନଂ ୨୦୨୪ ରେ ଡିଟିଇ ଏଣ୍ଡ ଟି, ଓଡିଶାକୁ ଜଣାଇବା ସହିତ ଚିଠି ନଂ ୨୦୨୫ ରେ ଆନନ୍ଦପୁର ଉପଜିଲାପାଳଙ୍କ ନିକଟକୁ ଘଟଣା ସମ୍ପର୍କରେ ଅବଗତ କରିଥିବା ଜଣାପଡିଛି।

### ୫ ଚୋରା ମଦ ବେପାରୀ ଗିରଫ

ପାଟଣା,୧୮।୧୨(ସ୍ୱ.ପ୍ର.)- ପାଟଣା ଅବକାରୀ ଥାନା ପକ୍ଷରୁ ବୁଧବାର ପାଟଣାରେ ଅବକାରୀ ଚଢ଼ାଉ କରି ମୋଟ ୧୨୫ ଲିଟର ବେଆଇନ ଦେଶୀ ମହୁଲି ମଦ ଜବତ କରିବା ସହ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ବ୍ୟକ୍ତି ମାନେ ହେଉଛନ୍ତି ପାଟଣା ଥାନା ରାଧାପୁର ଗ୍ରାମର ସୁରେନ୍ଦ୍ର ବେହେରା , ବିକ୍ରମ ମାଝୀ, ଖଡିବେଡା ଗ୍ରାମର ସୁରେନ୍ଦ୍ର ଦେଓଗମ, କୁଦାବେଡା ଗ୍ରାମର ଲକ୍ଷ୍ମଣ ମାଝି ଓ ଗୁରୁବାରୀ ପାତ୍ର। ଏହି ଚଢ଼ାଉରେ ପାଟଣା ଅବକାରୀ ଅଧିକାରୀ ଦିଲୀପ ତାଣ୍ଡିଙ୍କ ସହ ଜନାର୍ଦ୍ଦନ ପଲେଇ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

### ଭୀମ ଭୋଇ ସାମର୍ଥ୍ୟ ଶିବିର

ତେଲକୋଇ, ୧୮।୧୨(ଡି.ଏନ.ଏ.)- ତେଲକୋଇ ବ୍ଲକ ମୁଖ୍ୟାଳୟ ଭିମଭୋଇ ସାମର୍ଥ୍ୟ ଶିବିର ବୁଧୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ୨୨ଟି ପଞ୍ଚାୟତରୁ ଭିନ୍ନକ୍ଷମ ମାନେ ଚିହ୍ନଟ ହେବା ସହିତ ଆବଶ୍ୟକ ସାର୍ଟିଫିକେଟ ସରକାରଙ୍କ ସହାୟତା ପାଇଁ ଅନୁମୋଦନ କରାଯାଇଛି। ଏହି ଭିନ୍ନକ୍ଷମ ଯୋଜନାରେ ସରକାରଙ୍କ ପାଇଁ ଡିଆରଆଇ ଋଣ ଆଦି ଅନ୍ତର୍ଭୁକ୍ତ ରହିଥିଲା। ଭିନ୍ନକ୍ଷମ ଶିବିରରେ ମାନସିକ ରୋଗ ବିଶେଷଜ୍ଞ ଡ. ସୁଶାନ୍ତ କୁମାର ମାଝୀ, ଅସ୍ଥିଶଲ୍ୟ ବିଭାଗର ଡ. ଦିଲୀପ କୁମାର ଜେନା, ନାସା, କର୍ଣ୍ଣ ଓ ଗଳା ବିଭାଗର ବିଶେଷଜ୍ଞ ଡ. ମାନସ କୁମାର ମହାନ୍ତ, ଚକ୍ଷୁ ବିଭାଗର ଡ. ରଶ୍ମୀ ରଞ୍ଜନ ଭଞ୍ଜ ଓ ଡ. ଅଞ୍ଜନା ଜେନା ଭିନ୍ନକ୍ଷମଙ୍କ ଚିକିତ୍ସା କରାଇବା ସହିତ ଆବଶ୍ୟକ ସହାୟତା ପାଇଁ ଔଷଧ, ଚିକିତ୍ସା ଓ ଉପକରଣ ବ୍ୟବସ୍ଥା କରିଥିଲେ। ଭିମଭୋଇ ସାମର୍ଥ୍ୟ ଶିବିରକୁ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ପରେ ଉକ୍ତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ପାଇଁ ବିଭିନ୍ନ ବିଭାଗରେ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା।

### ଲୁହା ଆଙ୍ଗେଲ ଚୋରି ଘଟଣା, ୨ ଗିରଫ

ଯୋଡ଼ା, ୧୮।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ପୂର୍ବଯୋଡା ସ୍ଥିତ ଟିସ୍କୋ କଲୋନୀରେ ଘର କାମ ପାଇଁ ରଖାଯାଇଥିବା ୩୪ଟି ଲୁହା ଆଙ୍ଗେଲ ଚୋରି ହୋଇଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ୨ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାଙ୍କଠାରୁ ପୋଲିସ ୧୮ଟି ଚୋରା ଲୁହା ଆଙ୍ଗେଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କ୍ୟାମ୍ପ ହଟିଙ୍ଗର ବାବୁଲୁ କାରୁଆ ଓ ଅଭିମନ୍ୟୁ କାରୁଆ । ପୋଲିସର ସୂଚନା ଅନୁଯାୟୀ ଗତ ୧୪ ତାରିଖରେ ଉକ୍ତ କଲୋନୀରେ ଘର ନିର୍ମାଣ ପାଇଁ ରଖାଯାଇଥିବା ୩୪ ଟି ଲୁହା ଆଙ୍ଗେଲ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବାପରେ ଯୋଡା ଥାନାରେ ଏକ ମାମଲା (ନଂ ୨୨୦/୨୦୧୯) ରୁଜୁ କରାଯାଇଥିଲା ।

# ସ୍ଥାୟୀ ନିଯୁକ୍ତି ଦାବିରେ ଆମରଣ ଅନଶନ

ଯୋଡ଼ା, ୧୮।୧୨(ଡି.ଏନ.ଏ)



ଏସାର କମ୍ପାନୀ ସମ୍ମୁଖରେ ଗ୍ରାମବାସୀଙ୍କ ଆମରଣ ଅନଶନ।

କେନ୍ଦୁଝର ଜିଲା ଯୋଡା ବ୍ଲକ ବଡକାଳିମାଟି ପଞ୍ଚାୟତରେ ଥିବା ଏସାର ଷ୍ଟିଲ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମିହରା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ଥାୟୀ ନିଯୁକ୍ତି ଓ ବିଭିନ୍ନ ଦାବି ପୂରଣ କରିବା ପାଇଁ ଏସାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇ ପ୍ରତାରଣା କରାଯିବାରୁ ଜମିହରା ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଏସାର କମ୍ପାନୀର ୩ ନମ୍ବର ଗେଟ୍ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଜଣାପଡିଛି। ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଓ ଜମିହରାଙ୍କୁ ନେଇ ଗଠିତ ବଡକାଳିମାଟି ଡେଭେଲପମେଣ୍ଟ ସୋସାଇଟିର ସଦସ୍ୟାସଦସ୍ୟମାନେ ଏହି ଆମରଣ ଅନଶନରେ ବସିଥିବା ସୋସାଇଟିର ସଭାପତି ବଳଭଦ୍ର ପାତ୍ର ସୂଚନା ଦେଇଛନ୍ତି।

ଏସାର ଷ୍ଟିଲ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମିହରା ଓ ପ୍ରଭାବିତ ଗ୍ରାମବାସୀ ବିଭିନ୍ନ ଦାବି ଉପସ୍ଥାପନ କରି ଗତ ଜୁଲାଇ ୧୬ ତାରିଖରେ ଅନଶନରେ ବସିଥିଲେ। କମ୍ପାନୀ ପକ୍ଷରୁ ପ୍ରଶାସନର ସହାୟତାରେ ୧୪୪ ଧାରା ଲାଗୁ କରି ଅନଶନକାରୀଙ୍କୁ ଉଠାଇ ଦିଆଯାଇଥିଲା। ମାତ୍ର ସୋସାଇଟିର ସଦସ୍ୟାସଦସ୍ୟମାନେ କିଛି ଦିନ ରାଜରାସ୍ତା କଡରେ ଅନଶନରେ ବସିଥିଲେ। ପରେ ଗତ ଅଗଷ୍ଟ ୨୦ ତାରିଖରେ ଜମିହରା ଗ୍ରାମବାସୀମାନେ ଏସାର କମ୍ପାନୀ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆମରଣ ଅନଶନରେ ବସିବା ପରେ ଅକ୍ଟୋବର ୨୪ ତାରିଖରେ କମ୍ପାନୀ ପକ୍ଷରୁ ଦାବି ପୂରଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଅନଶନକାରୀମାନେ ଅନଶନ ପ୍ରତ୍ୟାହୃତ କରିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତିକୁ ଅଣଦେଖା କରିବାରୁ ଏବଂ ଜମିହରା ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ବାଧ ହୋଇ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଥିବା ସୋସାଇଟିର ସଭାପତି ବଳଭଦ୍ର ପାତ୍ର ଓ ଅନଶନରେ ବସିଥିବା ସଦସ୍ୟ ଅରବିନ୍ଦ ମହାକୁଡ, ଭୁବନେଶ୍ୱର ମହାକୁଡ, ସନାତନ ବାରିକ, ସତ୍ୟବ୍ରତ ପଲେଇ, ମୀନା ପାତ୍ର ପ୍ରମୁଖ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏନେଇ କମ୍ପାନୀର ଅଧିକାରୀ ମିଥିଲେଶ ଠାକୁର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଗ୍ରାମବାସୀଙ୍କ ସହିତ ଜିଲା ପ୍ରଶାସନ ଜରିଆରେ ଆଲୋଚନା ଚାଲିଛି ଖୁବ୍ ଶୀଘ୍ର ଏହାର ସମାଧାନ ହୋଇଯିବ।

# ବେଆଇନ ମାଙ୍କଡ଼ା ପଥର ଖଣି ଖନନ ମାମଲା

କେନ୍ଦୁଝର, ୧୮।୧୨(ସ୍ୱ.ପ୍ର.)

**■କ୍ଷୟକ୍ଷତି, ପୁନରୁଦ୍ଧାର ପାଇଁ ୭କୋଟି ଟଙ୍କାର ଆକଳନ**

ଘଷିପୁରା ତହସିଲ ଅନ୍ତର୍ଗତ ମଦନପୁର ଅଞ୍ଚଳରେ ଚାଲି ଆସୁଥିବା ବେଆଇନ ମାଙ୍କଡା ପଥର ଖଣି ରୋକିବା ପାଇଁ ହୋଇଥିବା ଗ୍ରୀନ ଟ୍ରିବ୍ୟୁନାଲରେ ହୋଇଥିବା ମାମଲାର ଶୁଣାଣି କରି ଗତ ୧୬ ଅକ୍ଟୋବର ୨୦୧୯ରେ ରାୟ ପ୍ରଦାନ କରି ବେଆଇନ କାମ ବନ୍ଦ କରିବାକୁ ଆଦେଶ କରାଯାଇଥିଲା। ଏହି ଆଦେଶରେ ଉକ୍ତ ବେଆଇନ କାମର ସୁରକ୍ଷା କରିବା ସହ ହୋଇଥିବା କ୍ଷୟକ୍ଷତିର ଆକଳନ କରି ପୂର୍ବାବସ୍ଥା ଫେରାଇ ଆଣିବାକୁ ଟ୍ରିବ୍ୟୁନାଲ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲା ପ୍ରଶାସନକୁ ଆଦେଶ କରିଥିଲେ। ଏନେଇ ସତ୍ୟପାଠ ଦାଖଲ କରିବାକୁ ଟ୍ରିବ୍ୟୁନାଲ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆଦେଶ କରିଥିଲେ। ଏହି ଆଦେଶ ପାଳନ କରି କେନ୍ଦ୍ର ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କମିଟି, ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କମିଟି, ଖଣି ଅଧିକାରୀ, ଜିଲାପାଳ ଗତ ଡିସେମ୍ବର ୨ ତାରିଖରେ ସବିଶେଷ ଯାଞ୍ଚ କରିବାକୁ ଯାଇଥିବା କେନ୍ଦ୍ର ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲକୁ ଦେଇଥିବା ସତ୍ୟପାଠରୁ ଜଣାପଡିଛି। ବେଆଇନ ଖଣି ଯୋଗୁ ହୋଇଥିବା ରାଜସ୍ୱ ଓ ପରିବେଶୀୟ କ୍ଷୟକ୍ଷତି, ଏହାର ସୁରକ୍ଷା, ପୁନରୁଦ୍ଧାର ଓ ଥଇଥାନ କରିବା ପାଇଁ ଟ୍ରିବ୍ୟୁନାଲ ଦେଇଥିବା ଆଦେଶ କ୍ରମେ ଆକଳନ କରାଯାଇଛି। ଏହାର ପରିମାଣ ୭ କୋଟି ୩୦ ଲକ୍ଷ ହେବ ବୋଲି କେନ୍ଦ୍ର ବୋର୍ଡ ପକ୍ଷରୁ ଡିସେମ୍ବର ୧୩ରେ ବୈଜ୍ଞାନିକ ସୁସ୍ମିତା ଏକ୍କା ଏହି ସତ୍ୟପାଠ ଦାଖଲ କରି ଜଣାଇଛନ୍ତି।

# ଧାଡ଼ିବୁଣା ଧାନଚାଷର କ୍ଷେତ୍ର ଦିବସ ପାଳିତ

ଢେଙ୍କିକୋଟ, ୧୮।୧୨(ଡି.ଏନ୍.ଏ.)

ଘଟଗାଁ ବ୍ଲକ କୃଷି ଅଧିକାରୀ ଅଧୀନ ସରାସପଶି ପଞ୍ଚାୟତ ବୃନ୍ଦାବନପୁର ଗ୍ରାମରେ ଘଟଗାଁ କୃଷି ବିଭାଗ ତରଫରୁ ବୁଧବାର ଜାତୀୟ ଖାଦ୍ୟ ନିରାପତ୍ତା ମିଶନର 'ଧାଡ଼ିବୁଣା ଧାନଚାଷର କ୍ଷେତ୍ରଦିବସ' ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୃନ୍ଦାବନପୁର ତଥା ଆଖପାଖ ଗ୍ରାମର ଶତାଧିକ ଚାଷୀଙ୍କୁ ନେଇ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ ସଭାରେ ସଭାପତିତ୍ୱ କରିଥିଲେ। ଜିଲା ଶସ୍ୟ ସଂରକ୍ଷଣ ଅଧିକାରୀ ମିହିର କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ସମ୍ମାନନୀୟ ଅତିଥି ଭାବେ ଢେଙ୍କିକୋଟ କୃଷି ଅଧିଦର୍ଶକ ଚତୁର୍ଭୁଜ ଦେ ଯୋଗ ଦେଇଥିଲେ। କୃଷି କାର୍ଯ୍ୟକୁ କିପରି ବୈଜ୍ଞାନିକ ପ୍ରଣାଳୀରେ ଧାନକୁ ଧାଡ଼ି ଧାଡ଼ି କରି ବୁଣିଲେ ଅଧିକରୁ ଅଧିକ ଲାଭବାନ ହେବେ। ଠିକ୍ ସମୟରେ ଠିକ୍ ପରିମାଣର ଆବଶ୍ୟକ ସାର ପୋକମରା ଔଷଧ ପକାଇ ଚାଷୀ ଉପକୃତ ହେବାପାଇଁ ବୁଝାଇଥିଲେ। ଚାଷରେ ରୋଗ ପୋକ ନ ଲାଗିବା ପାଇଁ ଔଷଧ ପକାଇବା ଆବଶ୍ୟକ ବୋଲି ଚାଷୀଙ୍କୁ କହିଥିଲେ। ଉପସ୍ଥିତ ଚାଷୀଙ୍କ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରି ଚାଷରୁ ଉପଯୁକ୍ତ ଲାଭ ପାଇବା ପାଇଁ କୃଷି ଅଧିକାରୀମାନେ ନୂତନ ପ୍ରଣାଳୀ ବିଷୟରେ ତନତନ କରି ବୁଝାଇଥିଲେ। ମଧ୍ୟାହ୍ନରେ ସମସ୍ତ ଚାଷୀଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥିଲେ। ଶେଷରେ ବୃନ୍ଦାବନପୁରର ବରିଷ୍ଠ ଚାଷୀ ପୁରୁଷୋତ୍ତମ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୃଷକ ସାଥୀ ଦେବେନ୍ଦ୍ର ମହାନ୍ତ ଚାଷୀ ନରୋତ୍ତମ ନାୟକ ସଭା ପରିଚାଳନା କରିଥିଲେ।

# ବାଲେଶ୍ୱରରେ ଜାତୀୟ ପେନ୍‌ସନ ଦିବସ

ବାଲେଶ୍ୱର ଅଫିସ, ୧୮।୧୨

ବାଲେଶ୍ୱର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ୩୮ତମ ଜାତୀୟ ପେନ୍‌ସନ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଧୀରେନ୍ଦ୍ର ନାରାୟଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ଇଂ. ବନମାଳୀ ନାୟକ ପେନସନର୍ସମାନଙ୍କ ସମସ୍ୟା ଉପରେ ଆଲୋକପାତ କରି ଜିଲା ଅତିରିକ୍ତ କୋଷାଗାର ଅଧିକାରୀ ବିଶ୍ୱନାଥ ମାଝୀ, ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଆସିଥିବା ପ୍ରଦୀପ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର ଉପଦେଷ୍ଟା କୃତ୍ତିବାସ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ବଂଶୀଧର ମହାପାତ୍ର, କୁମୁଦ ରଞ୍ଜନ ଗିରି, ଶିଶିର ରଥ, ରେମୁଣା ଶାଖାର ସମ୍ପାଦକ ଅଜୟ କୁମାର ଜେନା ଓ ଉତ୍ତର ରେମୁଣା ଶାଖାର ସଭାପତି ଯୋଗେନ୍ଦ୍ର କୁମାର ସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଜିଲାର ବିଭିନ୍ନ ଶାଖାରୁ ଶତାଧିକ ପେନସନର ଯୋଗ ଦେଇଥିଲେ। ଶେଷରେ ଶିଶିର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋନାସିକା ମହୋତ୍ସବ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି ଏବଂ ଅନ୍ୟ କର୍ମକର୍ତ୍ତା।

କେନ୍ଦୁଝର, ୧୮।୧୨ (ସ୍ୱ.ପ୍ର.)

ଗୋନାସିକା କେନ୍ଦୁଝର ମହୋତ୍ସବ ୨୦୧୯ ଓ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳାକୁ ସଫଳ କରିବାକୁ ଜିଲା ପ୍ରଶାସନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏନେଇ ବୁଧବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଥାକରେ ସଫଳତାର ସହ ଏହି ମହୋତ୍ସବକୁ ପାଳନ କରିବାକୁ ସହଯୋଗ କାମନା କରିଥିଲେ। ଜିଲା ସଂସ୍କୃତି ପରିଷଦ ଓ ଓର୍ମାସ ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ମେଳା ଆସନ୍ତା ୨୦ ରୁ ୨୬ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଏହାର ଉଦ୍‌ଘାଟନ କରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ଉଦ୍‌ଯାପନୀ ଉତ୍ସବରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗଦେବେ। ଏହା ଛଡା ଜିଲାର ସମସ୍ତ ବିଧାୟକ, ଏମ୍‌ପି ତଥା ଜିଲା ପରିଷଦ ଅଧକ୍ଷା ଉପସ୍ଥିତ ରହିବେ। ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୪୬ଟି ସଂସ୍ଥା ଭାଗ ନେବେ ବୋଲି ଜଣାପଡିଛି। ସେହିପରି କେନ୍ଦୁଝର ଜିଲାର ବିଭିନ୍ନ ବିଭାଗର ୪୭ଟି ସଂସ୍ଥା, ଓରମାସ କେନ୍ଦୁଝରର ୧୪ ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତିର ୩୦ଟି ଦଳ ଓ ରାଜ୍ୟର ୨୩ଟି ଜିଲାର ଓରମାସ ସଂସ୍ଥା ଓ ଡିଆରଡିଏର ୪୦ ସଂସ୍ଥା ମିଶାଇ ସମୁଦାୟ ୨୨୦ ସଂସ୍ଥାର ସାମଗ୍ରୀ ଓ ସଚେତନତାର ବାର୍ତ୍ତା ଜଣାଇବା ପାଇଁ ଷ୍ଟଲ ବ୍ୟବସ୍ଥା କରାଯାଇଛି। ମିଳନୀ ପକ୍ଷରୁ ଜିଲା ସ୍ତରୀୟ ସାହିତ୍ୟ ଆସର ପରିବେଷଣ ହେବ ବୋଲି ଜଣାପଡିଛି। ଜିଲାର ବିଭିନ୍ନ ନୃତ୍ୟ ପାଲା, କଣ୍ଢେଇନାଚ, ଚାଙ୍ଗୁ ନାଚ, ଛଉ ନାଚ ଆଦି ପରିବେଷଣ କରାଯିବ । ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଡକ୍ଟର ଭକ୍ତ ଚରଣ ପ୍ରଧାନ, ପିଏ ଆଇଟିଡିଏ ନାରାୟଣ ମୁର୍ମୁ ଯୋଗଦେଇଥିଲେ। ଓରମାସ କାର୍ଯ୍ୟନିର୍ବାହୀ ସପନ ଗୋସ୍ୱାମୀ ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଧ୍ୟାହ୍ନଭୋଜନ ପାଚିକା ସଂଘର ଜିଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର, ୧୮।୧୨(ଡି.ଏନ୍.ଏ.)




ଓଡିଶା ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଓଡିଶା ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ କେନ୍ଦୁଝର ଶାଖା ତରଫରୁ ବୁଧବାର ବିକ୍ଷୋଭ କରାଯିବା ସହ ଜିଲାପାଳଙ୍କୁ ୭ଦଫା ଦାବିରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ସଦସ୍ୟାମାନେ ଏହି ଅବସରରେ ବିଭିନ୍ନ ସ୍ଲୋଗାନ ଦେଇ ତାଙ୍କ ଦାବି ପୂରଣ କରିବାକୁ ନିବେଦନ କରିଥିଲେ। ସଂଘ କରିଥିବା ଦାବିଗୁଡିକ ମଧରେ ୧୨ମାସର ବକେୟା ଦରମା ସହ ଶିକ୍ଷା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା, ନ୍ୟୁନତମ ମାସିକ ଦରମା ୧୮ହଜାର ଟଙ୍କା ପ୍ରଦାନ, ମାସକୁ ୬ହଜାର ଟଙ୍କା ପେନସନ ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବା, ୪୫ତମ ଶ୍ରମ ସମ୍ମିଳନୀ ନିର୍ଦ୍ଦେଶକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିବା, ମଧ୍ୟାହ୍ନଭୋଜନ ସହ ସମସ୍ତ ଘରୋଇକରଣକୁ ବନ୍ଦ କରିବା, ଛଟେଇ ହୋଇଥିବା ପାଚିକାମାନଙ୍କୁ ପୁନଃ ଥଇଥାନ ଆଦି ଦାବି କରି କେନ୍ଦୁଝର ଜିଲା ଶାଖା ସଂପାଦିକା କ୍ଷୀରମଣୀ ମହାନ୍ତଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

# ପାଟଣା ପଞ୍ଚାୟତ ସମିତି ଅଧକ୍ଷ ହେଲେ ବିଶ୍ୱନାଥ

ପାଟଣା,୧୮।୧୨(ସ୍ୱ.ପ୍ର.)

ପାଟଣା ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ନାଏକ ବିଧାୟକ ଭାବେ ନିର୍ବାଚିତ ହେବାପରେ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଅଧକ୍ଷ ପଦବୀରେ ରହିଥିଲେ। ଏହି ପଦବୀ ପାଇଁ ବୁଧବାର ଆନୁଷ୍ଠାନିକ ଭାବେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଛି। ବ୍ଲକର ମୋଟ ୨୦ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ କଣ୍ଟିଆପଡା ପଞ୍ଚାୟତ ସମିତି ସଭ୍ୟ ପଦବୀ ଖାଲିଥିବାରୁ ୧୯ ଜଣ ସମିତି ସଭ୍ୟ ଦିନ ୧୦ ବେଳକୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ନିର୍ବାଚନ କକ୍ଷରେ ପ୍ରବେଶ କରିଥିଲେ। ତେବେ ଚିନାବାଲିପଶି ସମିତି ସଭ୍ୟ ବିଶ୍ୱନାଥ ନାୟକ ଏକୁଟିଆ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ତାଙ୍କୁ ନିର୍ବାଚନ ଅଧିକାରୀ ତଥା ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷଣା କରିଛନ୍ତି। ପାଟଣା ବିଧାୟକ ଜଗନ୍ନାଥ ନାଏକ ବିଜୟୀ ବ୍ଲକ ଅଧକ୍ଷ ବିଶ୍ୱନାଥଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ନିର୍ବାଚନକୁ ପରିଚାଳନା କରିବାରେ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ଓ ଜିପିଓ ରଶ୍ମିରେଖା ମହାନ୍ତି ସହଯୋଗ କରିଥିଲେ। ଏଥି ସହ ବିଶ୍ୱନାଥ ପଟଣା ବ୍ଲକ ଅଧକ୍ଷ ଭାବେ ନିର୍ବାଚିତ ହେବା ସହ ବିଜେଡି ଦଳ ପୁନର୍ବାର ପାଟଣା ବ୍ଲକ ଅଧକ୍ଷ ପଦ ଦଖଲ କରିଛି।




ନବ ନିର୍ବାଚିତ ବ୍ଲକ ଅଧକ୍ଷଙ୍କୁ ବିଧାୟକ ଜଗନ୍ନାଥ ନାଏକ ଶୁଭେଚ୍ଛା ଜଣାଉଛନ୍ତି।

# ପିକ୍‌ନିକ୍ ଋତୁ, ପର୍ଯ୍ୟଟନ କେନ୍ଦ୍ରରେ ଭିଡ଼

କେନ୍ଦୁଝର, ୧୮।୧୨ (ସ୍ୱ.ପ୍ର.)

**■ପ୍ରଚାର ପ୍ରସାର ଅଭାବରୁ ଆସିପାରୁନାହାନ୍ତି ବିଦେଶୀ ପର୍ଯ୍ୟଟକ**

**■ମନୋରଞ୍ଜନ ସହ ରାତିରେ ରହିବା ବ୍ୟବସ୍ଥା ଲାଗି ଦାବି**



ପର୍ଯ୍ୟଟକମାନେ ବୋଟିଂର ମଜା ନେଉଛନ୍ତି।

ପିକ୍‌ନିକ ଋତୁ ପାଇଁ କେନ୍ଦୁଝର ଜିଲାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ରବିବାର ଭିଡ ଦେଖିବାକୁ ମିଳିଥିଲା । ପାଗ ଅନୁକୂଳ ଓ ରବିବାର ଛୁଟି ଥିବାରୁ ଅନେକ ବ୍ୟସ୍ତତା ଜୀବନରୁ ଟିକେ ସମୟ ବାହାର କରି ମାନସିକ ଶାନ୍ତି ଓ ମଜାମଜଲିସ କରି ଦିନଟିଏ କଟାଇବାକୁ ଆସିଥାନ୍ତି। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଦେଖାଦେଇଥିବା କୁହୁଡିଆ ପାଗର ମଜା ଅନେକ ଉଠାଇଛନ୍ତି। ବିଶେଷ କରି ପାହାଡିଆ ଅଞ୍ଚଳରେ କିଛି ସମୟ ପାଇଁ ଏହାର ଅନୁଭୂତି ଦାର୍ଜିଲିଂ ବା କଶ୍ମୀରୀ ଠାରୁ କମ ନ ଥିଲା। ଜିଲାର ଥଣ୍ଡା ପରିବେଶରେ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଙ୍ଗଲ ଓ ପାହାଡର ମନୋରମ ଦୃଶ୍ୟ ସେମାନଙ୍କୁ ଆକୃଷ୍ଟ କରିଥାଏ। ସେହିପରି ପ୍ରାକୃତିକ ଝରଣା, ନଦୀ, ଜଳପ୍ରପାତ, ଜଳଭଣ୍ଡାର, ଐତିହାସିକ ଓ ପୌରାଣିକ ଇତିବୃତ୍ତି ସମୃଦ୍ଧ ସ୍ଥାନ, ଦେବଦେବୀ ପୀଠ ଆଦି ବୁଲି ଦେଖି ଫେରିଛନ୍ତି । ସେହିପରି ଅନେକ ପର୍ଯ୍ୟଟକ ବୁଲିବା ସହ ଛୋଟରୁ ବଡ ସମସ୍ତେ ନାଚଗୀତ ଓ ଭୋଜିଭାତ କରି ସନ୍ଧ୍ୟା ପୂର୍ବରୁ ଫେରୁଛନ୍ତି। କିଏ ପରିବାର ସହ ତ କିଏ ସାଙ୍ଗସାଥୀଙ୍କ ସହିତ ଆସୁଛନ୍ତି। ସେହିପରି ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନର ଯୁବ ଗୋଷ୍ଠୀ ମଧ ଆସିଥିବା ବେଳେ ସେମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ପରିଲକ୍ଷିତ ହୋଇଛି ।

ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରରେ ସର୍ବାଧିକ ଭିଡ ଦେଖିବାକୁ ମିଳୁଛି। ସେହିପରି ବଡଘାଗରା, ଖଣ୍ଡାଧାର, ହାଣ୍ଡିଭଙ୍ଗା, ମୁର୍ଗା, ଗୁଣ୍ଡିଚାଘାଗୀ, ଗଡଚଣ୍ଡୀ, ଭୀମକୁଣ୍ଡ, ହଦଗଡ ଓ କାନଝରୀ ଡ୍ୟାମ ଆଦିରେ ପର୍ଯ୍ୟଟକଙ୍କ ଭିଡ ଜମିଥିଲା। ପର୍ଯ୍ୟଟକ ମାନେ ଜଳପ୍ରପାତ ଓ ନଦୀନାଳର ଶୀତଳ ଜଳରେ ଗାଧୋଇବାର ନିଆରା ମଜା ନେଉଛନ୍ତି। ଜିଲା ଗସ୍ତରେ ଆସି ମା' ତାରିଣୀ ପୀଠ, ଦେଓଗାଁ କୁଶଳେଶ୍ୱର ମନ୍ଦିର, ସୀତାବିଞ୍ଜ, ଗୋନାସିକା ଆଦି ପୀଠରେ ହଜାର ହଜାର ସଂଖ୍ୟାରେ ଭକ୍ତ ଦର୍ଶନ କରିଛନ୍ତି । ସେହିପରି ବକ୍ସିବାରିଗାଁ ନିକଟ ତୃପ୍ତି ସଫାରୀରେ ମଧ ଭୋଜିଭାତ କରିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା । ଏତଦବ୍ୟତୀତ ଜିଲାର ଅନ୍ୟାନ୍ୟ ସ୍ଥାନରେ ଥିବା ଜଳପ୍ରପାତ, ନଦୀନାଳ କୂଳ, ପାହାଡ ଓ ଜଙ୍ଗଲାଞ୍ଚଳ ଆଦିରେ ଭୋଜିଭାତ କରିବାକୁ ପର୍ଯ୍ୟଟକମାନଙ୍କ ଭିଡ ଜମିଥିଲା। ସାନଘାଗରା ଓ ତୃପ୍ତି ସଫାରିରେ ପର୍ଯ୍ୟଟକମାନେ ବୋଟିଂର ମଜା ଉଠାଇଛନ୍ତି । ନବୀନ ଚନ୍ଦ୍ର ନାୟକ ନାମକ ଜଣେ ପର୍ଯ୍ୟଟକ କହିଛନ୍ତି ଯେ ସାନଘାଗରା ଜଳପ୍ରପାତ ଓଡିଶାରେ ପ୍ରସିଦ୍ଧ। ଦିନରେ ବୁଲାବୁଲି, ବୋଟିଂ ଏବଂ ନାଚଗୀତ ସାଙ୍ଗକୁ ଭୋଜିଭାତରେ ଭଲ ଭାବରେ କଟିଯାଏ। ଏଠାରେ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ପାଇଁ ଅଧିକ ସୁବିଧା କରାଯିବା ସହ ରାତ୍ରିକାଳୀନ ବୁଲାବୁଲିର ସୁବ୍ୟବସ୍ଥା କରାଗଲେ ଏହା ଅଧିକ ଲୋକାଦୃତ ହୋଇ ପାରିବ। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚରାଯିବାରୁ ସମସ୍ତ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି । ଦିଲୀପ କୁମାର ଦାସ କହିଛନ୍ତି ଯେ ସେ ପ୍ରତ୍ୟେକ ବର୍ଷ କେନ୍ଦୁଝର ଜିଲାକୁ ବୁଲିବାକୁ ଆସିଥାନ୍ତି । ତେବେ ଗମନାଗମନ, ଟ୍ରାଫିକ ସମସ୍ୟା ଓ ଧୂଳିଧୂଆଁ ପ୍ରଦୂଷଣ ସମସ୍ୟା ଯୋଗୁ ଅନେକ ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ। ଏଣୁ ଏ ସବୁକୁ ପ୍ରାଧାନ୍ୟ ଦିଆଗଲେ ରାଜ୍ୟ ବାହାରୁ ଅଧିକ ପର୍ଯ୍ୟଟକ ଆସିବେ । ପ୍ରଚାର ଓ ପ୍ରସାରର ଅଭାବ ଯୋଗୁ ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନଗୁଡିକ ବାହାରେ ଲୋକଙ୍କ ନଜରକୁ ଆସିପାରୁନାହିଁ। ଏଠାରେ ବହୁ ବିଶ୍ୱ ତଥା ଜାତୀୟ ସ୍ତରର ପର୍ଯ୍ୟଟନ କେନ୍ଦ୍ର ରହିଛି । ଏଣୁ ବିଭିନ୍ନ ଟୁର ଅପରେଟର ତଥା ରାଜଧାନୀରେ ଥିବା ହୋଟେଲମାନଙ୍କୁ ଏନେଇ ଅବଗତ କରାଗଲେ ଅଧିକ ପର୍ଯ୍ୟଟକ ବିଶେଷ କରି ବିଦେଶୀ ପର୍ଯ୍ୟଟକଙ୍କୁ ଏହି ଜିଲାକୁ ପଠାଇପାରନ୍ତେ ବୋଲି କେନ୍ଦୁଝରର ଏକ ଶିକ୍ଷାନୁଷ୍ଠାନ ମୁଖ୍ୟ ବ୍ରଜ କିଶୋର ରାୟ କହିଛନ୍ତି ।